## କେନଝିରିଆପାଲି ମଠରେ ହିନ୍ଦୁ ନବବର୍ଷ ପାଳିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହରେରାମ ପ୍ରେମାନନ୍ଦ ଯୋଗାଶ୍ରମ ମଠ ପରିସରରେ ହିନ୍ଦୁ ନବବର୍ଷ ପାଳନ ହୋଇଯାଇଛି। ଏହି ଅବସରରେ ମଠ ପରିସରରେ ଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର, ଜ୍ଞାନେଶ୍ୱର ବାବା, ରାଧାକୃଷ୍ଣ, ହନୁମାନ ଓ ଭୈରବୀଙ୍କଠାରେ ହିନ୍ଦୁ ନବବର୍ଷ ଉପଲକ୍ଷେ ରୁଦ୍ରାଭିଷେକ ଓ ସ୍ୱତନ୍ତ୍ର ପୂଜା ଆରାଧନା କରାଯାଉଛି। ମଠାଧୀଶ, ସଭ୍ୟାସଭ୍ୟ, ଗାମବାସୀ, ବିଶ୍ୱହିନ୍ଦୁ ପରିଷଦ ସୋନପୁର ଶାଖାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଏନ୍‌ଏଚ୍‌ଆର୍‌ସିଙ୍କୁ ଫେରାଦ ହେଲେ ମୃତକଙ୍କ ମା’

**ଗୋବିନ୍ଦ କୁମ୍ଭାର ମୃତ୍ୟୁ ମାମଲା**

**ବରଗଡ଼ ଅଫିସ୍,୨।୪:** ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ପାଖରେ ପହଞ୍ଚିଛି। ଶନିବାର ମୃତକଙ୍କ ମା’ ଚଞ୍ଚଳା ଏନ୍‌ଏଚ୍‌ଆରସିଠାରେ ଅଭିଯୋଗ କରି ସମ୍ପୃକ୍ତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ପ୍ରକାଶଥାଉକି, ଗତ ବର୍ଷ ସେପ୍ଟେମ୍ବର ୨୪ତାରିଖ ବିଳମ୍ବିତ ରାତ୍ରିରେ କିଛି ପୋଲିସ କର୍ମଚାରୀ ଗୋବିନ୍ଦଙ୍କ ଘରକୁ ଯାଇ ତାଙ୍କୁ ଥାନାକୁ ଉଠାଇ ଆଣିଥିଲେ। ପରଦିନ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାରେ ଗୋବିନ୍ଦଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପୋଲିସ ମାଡ଼ରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ସହିତ ଏହି ଘଟଣାକୁ ନେଇ ରାସ୍ତାରୋକୋ, ପୋଲିସର ଲାଠିମାଡ଼ ଭଳି ଘଟଣା ଘଟିଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଏସ୍‌ପି ଓ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା।

### ଶିକ୍ଷଣ ସାମଗ୍ରୀ ମେଳା ପ୍ରଦର୍ଶନ



ଜଟେସିଂହାରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଅମରପାଲି,୨।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷଣ ସାମଗ୍ରୀଗୁଡିକ ବିଭିନ୍ନ ଶ୍ରେଣୀଗୃହରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଜଟେସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁମ୍ଭକାରଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ରଥ ଓ ଚମ୍ପେଶ୍ୱର ଦାଶ, ବାଗବର ସିଆରସିସି ପଦ୍ମନାଭ ବାରିକ ଓ ଜଟେସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ଚାନ୍ଦ ଅତିଥି ଭାବେ ମଞ୍ଚାସୀନ ଥିଲେ। ସିଆରସିସି ସୁରେନ୍ଦ୍ର ଓତା ସଭାରେ ଅଧକ୍ଷତା କରିଥିବାବେଳେ ସିଆରସିସି ଅକ୍ଷୟ ରାଏ ସଭାର ସଂଯୋଜନା କରିଥିଲେ। ରାସବିହାରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜଟେସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଡ଼ାପଡ଼ା ପ୍ରାଥମିକ ବିଦ୍ୟାଳୟ ଓ ଡୁମୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ଭାବେ ମନୋନୀତ ହୋଇ ବ୍ଲକସ୍ତରୀୟ ମେଳାରେ ଭାଗ ନେବାକୁ ଚୟନ ହୋଇଥିବା ଜଣାପଡ଼ିଛି।

# ଧାରଣାରେ ବସିଲେ ଠିକା କର୍ମଚାରୀ

**ବରଗଡ଼ ଅଫିସ୍,୨।୪**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ କାର୍ଯ୍ୟରତ ୩୬ଜଣ ଠିକା କର୍ମଚାରୀଙ୍କୁ ଦୀର୍ଘବର୍ଷ ଧରି ଅଣଦେଖା କରାଯାଉଛି। ଏଭଳି ଅଭିଯୋଗ କରି ସେମାନେ ଶନିବାରଠାରୁ ଆର୍‌ଏମ୍‌ସି ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ସମ୍ପୃକ୍ତ ଠିକା କର୍ମଚାରୀମାନେ ୨୦୦୭ରୁ ଦୀର୍ଘ ୧୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବରଗଡ଼ ଆର୍‌ଏମ୍‌ସି ଅଧୀନରେ କାର୍ଯ୍ୟ କରିଆସୁଛନ୍ତି। ଓଡ଼ିଶା କୃଷି ବିପଣନ ପରିଷଦ ପତ୍ରସଂଖ୍ୟା–୩୭୩୮ ତା୨୭।୯।୨୦୧୮ରିଖ ଅନୁଯାୟୀ, ସମ୍ପୃକ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଅନୁମୋଦନ ପତ୍ର ଆରଏମସି ଅଧ୍ୟକ୍ଷଙ୍କ ନିକଟକୁ ପଠାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନ ଥିବା ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେମାନେ ଗତ



ବରଗଡ଼ ଆର୍‌ଏମ୍‌ସି ଅଫିସ ଆଗରେ ଠିକା କର୍ମଚାରୀଙ୍କ ଧାରଣା।

**ଆର୍‌ଏମ୍‌ସିର ଅଣଦେଖା ଅଭିଯୋଗ**

୨୦୧୬ ମସିହାରେ ରାଜ୍ୟ ସରକାରଙ୍କ ଚୁକ୍ତିଭିତ୍ତିକ ସଂଶୋଧନ ଆଇନ ଅନୁସାରେ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ତତ୍କାଳୀନ ଆର୍‌ଏମ୍‌ସି ସମ୍ପାଦକଙ୍କୁ ଜଣାଇଥିଲେ। ତଥାପି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

ଉକ୍ତ ଦାବି ନେଇ ଠିକା କର୍ମଚାରୀମାନେ ବହୁବାର ଆର୍‌ଏମ୍‌ସି ଅଫିସ ଆଗରେ ଧାରଣା ଦେଇଛନ୍ତି। ଧାରଣାସ୍ଥଳକୁ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଦାବି ପୂରଣ ଦିଗରେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ତାହା ପାଣିର ଗାର ପାଲଟିଥିବା ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ୪ଜଣ ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଗଲାଣି। ଗତବର୍ଷ ନଭେମ୍ବର ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ୩ଦିନ ଆରଏମସି ଅଫିସ ସମ୍ମୁଖରେ ସମ୍ପୃକ୍ତ କର୍ମଚାରୀମାନେ ଧାରଣାରେ ବସିଥିଲେ। କର୍ତ୍ତୃପକ୍ଷ ଚିରାଚରିତ ଢ଼ଙ୍ଗରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କିଛି ସୁଫଳ ନ ମିଳିବାରୁ ପୁଣି ଧାରଣାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା ସେମାନେ କହିଛନ୍ତି। ଧୀରେନ୍ଦ୍ର କୁମାର ଦାଶ, ଚିତ୍ତରଞ୍ଜନ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ରବିରତ୍ନ ସାହୁ, ମୀନକେତନ ଦାଶ, ପ୍ରଫୁଲ୍ଲ ନାଗ, ମୁକ୍ତା ବାଗ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

# ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

**ବରଗଡ଼ ଅଫିସ୍/ଅତାବିରା,୨।୪**

ବରଗଡ଼ ଜିଲାର ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଗାଇସିଲେଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରେଶ୍ୱର ମୁନିଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ପ୍ରେମରାଜ ମଟାରୀ ଏବଂ ସଚେତନ ମୁନିଜୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଅନୁଷ୍ଠାନର ପ୍ରଥମ ସଭାପତି ଲମ୍ବୋଦର ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ରସେନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସରୋଜିନୀ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନବମ ଶ୍ରେଣୀ ଛାତ୍ରୀମାନେ ସାମୂହିକ କଣ୍ଠ ସଙ୍ଗୀତ ଗାନ କରିଥିବାବେଳେ ଦଶମ ଶ୍ରେଣୀ ଛାତ୍ରୀ ରୀତୁ ସାହୁ ବ୍ୟକ୍ତିଗତ ସଙ୍ଗୀତ ଗାଇଥିଲେ। ବେଦବ୍ୟାସ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭେଡ଼େନ ବ୍ଲକ ଖୁଣ୍ଟଲିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ ମୁଖ୍ୟଅତିଥି ଏବଂ ଆଚାର୍ଯ୍ୟ ମୁନୁ ବଢ଼େଇ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ପୁରୋହିତ, ଗୁରୁମା ମାନିନୀ ସାହୁ, ନିଶାନ୍ତ ମାହାଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତ୍ୱନା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



ହିନ୍ଦୁ ନବବର୍ଷ ପାଳନରେ ଖୁଣ୍ଟଲିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ତିନି ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ

**ଅମରପାଲି,୨।୪(ଡି.ଏନ.ଏ)**

ଡାହାଣୀ ସନ୍ଦେହରେ ମହିଳଙ୍କୁ ହତ୍ୟା ଉଦ୍ୟମ ମାମଲାର ବିଚାର କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହକାରୀ ଦୌରାଜଜ ସୁଶ୍ରୀ ମୋନାଲିସା ପଟ୍ଟନାୟକ ତିନି ଅଭିଯୁକ୍ତଙ୍କୁ ୩ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବୀରମହାରାଜପୁର ଥାନା ସରଧାଝୁଲି ଗ୍ରାମର ବିଞ୍ଝାଲ ପ୍ରଧାନ ଓ ତାଙ୍କର ସ୍ତ୍ରୀ ସୁନାମାଲି ପ୍ରଧାନ ତାଙ୍କ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ଚତୁରୁ ପ୍ରଧାନ,

**ଡାହାଣୀ ସନ୍ଦେହରେ ମହିଳଙ୍କୁ ହତ୍ୟା ଉଦ୍ୟମ ମାମଲା**

ଅଞ୍ଜଳି ପ୍ରଧାନ ଓ ସୁପାଞ୍ଜଳି ପ୍ରଧାନ ବାଟରେ ଛକି ରହି ଥିଲେ। ଡ଼ାହାଣୀ ସନ୍ଦେହ କରି ଲୁହାଛଡ଼ରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏ ନେଇ ବୀରମହାରାପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ବୀରମହାରାଜପୁର ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲେ। ଦୀର୍ଘଦିନ ଧରି ମାମଲା ଚାଲିବା ପରେ ବୀରମହାରାଜପୁର ସହକାରୀ ଦୌରାଜଜ ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ୩ ଅଭିଯୁକ୍ତଙ୍କୁ ତିନି ବର୍ଷ ଲେଖାଏ କାରାଦଣ୍ଡାଦେଶ କରିଛନ୍ତି। ଏଥିସହିତ ଚତୁରୁ ପ୍ରଧାନ ଓ ଅଞ୍ଜଳି ପ୍ରଧାନଙ୍କୁ ୨ହଜାର ଟଙ୍କା ଓ ସୁପାଞ୍ଜଳି ପ୍ରଧାନଙ୍କୁ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ମଧୁସୂଦନ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# ଡୁଙ୍ଗୁରିପାଲି ବ୍ଲକ ସରପଞ୍ଚ ସଂଘ ଗଠିତ

**ଡୁଙ୍ଗୁରିପାଲି,୨।୪(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକକୁ ରାଜ୍ୟର ୧ ନମ୍ବର ବ୍ଲକ କରିବା ସରପଞ୍ଚ ସଂଘର ଲକ୍ଷ୍ୟ ରହିଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ନୂତନ ସରପଞ୍ଚ ସଂଘ ଗଠନ ଅବସରରେ ଅନୁଷ୍ଠିତ ବୈଠକରେ ଏହି ମତପ୍ରକାଶ ପାଇଛି। ୨୬ଟି ଗ୍ରାମ ପଞ୍ଚାୟତର ନବନିର୍ବଚିତ ସରପଞ୍ଚମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ବ୍ଲକ ଅଧକ୍ଷ ତଥା ବର୍ତ୍ତମାନର ବ୍ଲକ ଉପ ସଭାପତି ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ଜିଲା ବିଜେଡି ଉପ ସଭାପତି ରମେଶ ପୂଝାରୀ, ସାମାଜିକ କର୍ମୀ ଉମେଶ ପୂଝାରୀ, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ପଞ୍ଚାୟତଗୁଡିକର ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ଆଲୋଚନା ହୋଇଥିଲା। ଡୁଙ୍ଗୁରିପାଲି ବ୍ଲକକୁ ୧ ନମ୍ବର ବ୍ଲକ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବା ଆମର ଲକ୍ଷ୍ୟ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ସଭାପତି ମନୋଜ କୁମାର ପୁରୋହିତ, ଉପ ସଭାପତି ପ୍ରଶାନ୍ତ କୁମାର ସାହୁ, ସାଧାରଣ ସଂପାଦକ ବିଭୁଦତ୍ତ ରାଜହଂସ, ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ସା, କୋଷାଧକ୍ଷ ଭାବେ କୌଶଲ୍ୟା ମେହେର ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା କମିଟିର ସଦସ୍ୟ ଭାବେ ଅସରପି ପଧାନ, ଜେମାଦେଇ ସାହୁ, ପଟୁଆରୀ ପଧାନ ମନୋନୀତ ହୋଇଥିଲେ । ବିଭୁଦତ୍ତ ରାଜହଂସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲ୍ୟବିବାହ ନିରୋଧ ସଚେତନତା ସଭା



ବଡକିରାସିରା ସ୍କୁଲରେ ଅନୁଷ୍ଠିତ କାର୍ଯକ୍ରମରେ ମଞ୍ଚାସୀନ ଅତିଥି।

**ଅମରପାଲି,୨।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବଡକିରାସିରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାଲ୍ୟ ବିବାହ ନିରୋଧ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି, ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ରଥ ଓ ଚମ୍ପେଶ୍ୱର ଦାଶ, ଆଇଟିଆଇ ସୋନପୁରର ରାଜୀବ ପଣ୍ଡା, ତିଲେ ବେହେରା, ଅଙ୍ଗନୱାଡ଼ି ସୁପରଭାଇଜର ସୌମ୍ୟସୀମା ସାହୁ, ସିଆରସିସି ନାରାୟଣ ଜଗଦଲା, ଚାଇଲଡ ଲାଇନ ସଦସ୍ୟ ସୁଦାମ ଗାଈଗରିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବାଲ୍ୟ ବିବାହର ଅପକାରିତା ସମ୍ପର୍କରେ ଅତିଥିମାନେ କହିଥିଲେ। ପ୍ରଧାନଶିକ୍ଷକ ଗୋପାଳ ସେଠି ସଭା ପରିଚାଳନା, ସିଆରସିସି ଅକ୍ଷୟ ରାଏ ମଞ୍ଚ ପରିଚାଳନା କରିଥିଲେ। ସଦାନନ୍ଦ ସାହୁ ସ୍ୱାଗତ ଜଣାଇ ଥିବାବେଳେ ସୂର୍ଯ୍ୟନାରାୟଣ ସିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାଲ୍ୟ ବିବାହ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଅତାବିରା, ବରପାଲିରେ ବିଜ୍ଞାନମେଳା

**ଅତାବିରା/ସରଣ୍ଡା/ବରପାଲି,୨।୪(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ସବ୍ ଜୁନିୟର ବିଭାଗର ୪୧, ଜୁନିୟର ବିଭାଗର ୬୪ ଏବଂ ସିନିୟର ବିଭାଗର ୩୩ ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ଅତାବିରା ହାଇସ୍କୁଲର ଚୁଲାଲ ସିଂ ବେହେରା, ପତ୍ରାପାଲି ହାଇସ୍କୁଲର ପୂଜା କ୍ଷେତି, ଲସ୍ତଲା ହାଇସ୍କୁଲର ଡେଫୋଡିଲ ପତି, ଟାମ୍ପରସରା ହାଇସ୍କୁଲର ପିଙ୍କିରାଣୀ ବନଛୋର, କାଦୋବାହାଲ ହାଇସ୍କୁଲର ପ୍ରତୀକ୍ଷା ପଣ୍ଡା, ଝିଲିମିଣ୍ଡା ହାଇସ୍କୁଲର ତ୍ରିବିକ୍ରମ ବେହେରଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ସବ୍‌ଜୁନିୟର ବିଭାଗରେ ଟୋପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୋହନ ଗଡ଼ତିଆ, ଖଇରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୁଞ୍ଜୁ ବାଗ ଏବଂ ଭୋଇପୁରା ଉଚ୍ଚ ପ୍ରାଥମିକ ସ୍କୁଲର ଦିବ୍ୟାଂଶୀ ଗଡ଼ତିଆଙ୍କୁ ପୁରସ୍କୃତ କରାଯାଇଥିଲା। ଅତାବିରା ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଏବଂ ଅତାବିରା ହାଇସ୍କୁଲର ମନୋଜ ହରିପାଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦଯାପନୀ ସମାରୋହରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ସମ୍ମାନିତ ଅତିଥି ଏବଂ ଅତାବିରା କଲେଜର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା ‘ଅନ୍ୱେଷଣ’ ଉନ୍ମୋଚିତ ହୋଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ବରପାଲି ବ୍ଲକ ଲେଣ୍ଡା ହାଇସ୍କୁଲରେ ବ୍ଲକସ୍ତରୀୟ ଗଣିତ, ପରିବେଶ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ତହସିଲଦାର ଅକ୍ଷୟ ବାଗ ଏହାକୁ ଉଦ୍‌ଘାଟନ କରିଥିଲେ। ବରପାଲି ଫାର୍ମାସ୍ୟୁଟିକାଲ୍ସ କଲେଜର ଅଧ୍ୟାପକ ଶ୍ରୀମନ୍ତ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଲେଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ମଞ୍ଚାସୀନ ଥିଲେ। ସବ୍‌ଜୁନିୟର ବିଭାଗରେ ୧୭, ସିନିୟର ବିଭାଗରେ ୩୦ ଏବଂ ଜୁନିୟର ବିଭାଗରେ ୪୫ ପ୍ରତିଯୋଗୀ ଭାଗ ନେଇଥିଲେ। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୀବନେଶ୍ୱରୀ ବେହେରା, କନବାର ହାଇସ୍କୁଲର ପ୍ରଦୀପ କୁମାର ଭୋଇ, ସିର୍ଜିଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସ୍ମିତା ସାହୁଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଶିକ୍ଷକ ଅଶୋକ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।





ଅତାବିରା ହାଇସ୍କୁଲରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଉଛି।

# ୫୪୭ ପାଇଲେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ



ମନ୍ତ୍ରୀ ପଦ୍ମନାଭ ବେହେରା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ବିନିକା,୨।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଗୋଷ୍ଠୀ ସାଧନ କେନ୍ଦ୍ରରେ ଶନିବାର ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ୫୪୭ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନ୍ତ୍ରୀ ବେହେରାଙ୍କ ସହ ଏନ୍‌ଏସିର ନବ ନିର୍ବାଚିତ ଅଧକ୍ଷ ସୁବାଷ ଭୂଏ ଯୋଗଦେଇଥିଲେ। ଠିକଣା ସମୟରେ କାମ ସାରି ଆବାସ ଯୋଜନା ମୁତାବକ ମିଳୁଥିବା ସରକାରୀ ଅନୁକମ୍ପା ରାଶିର ଫାଇଦା ହାସଲ କରିବାକୁ ମନ୍ତ୍ରୀ ଏହି ଅବସରରେ ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଦରବୃଦ୍ଧିର ପ୍ରତିବାଦ କଲା କଂଗ୍ରେସ

**ସୋନପୁର,୨।୪(ନି.ପ୍ର.)**

ତୈଳ, ଇନ୍ଧନ ଗ୍ୟାସ, ବିଦ୍ୟୁତ୍ ବିଲ୍, ଖାଇବା ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳଦର କ୍ରମାଗତଭାବେ ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ଭାରତୀୟ ତୈଳ ବଜାର ଉପରେ ପଡୁଛି। ଅନ୍ୟପକ୍ଷେ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସରୁ କେନ୍ଦ୍ର ଓ ରାଜ୍ୟ ସରକାର ଅତ୍ୟଧିକ ଟିକସ ଆଦାୟ କରୁଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବା ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ଅଭିଯୋଗ କରି ଶନିବାର ଉଭୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସନ୍ଧ୍ୟାରେ ସୋନପୁର ବିଜୁ ପଟ୍ଟନାୟକ ଛକଠାରେ କଂଗ୍ରେସ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ପ୍ରିୟବ୍ରତ ସାହୁ, ମାଧବ କୁମ୍ଭାର, ବରୁଣ ସୁନା, ନୃସିଂହ ପାଣିଗ୍ରାହୀ, ଶେଷଦେବ ମେହେର, ସୂର୍ଯ୍ୟକାନ୍ତି ବାଗ ଓ ରଞ୍ଜିତ ରାଏ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



ସୋନପୁରରେ କଂଗ୍ରେସ ନେତୃବୃନ୍ଦ ପ୍ରତିବାଦ କରୁଛନ୍ତି।

# ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିରେ ପରୀକ୍ଷା ନମ୍ବର ବାଧକ ନୁହେଁ

**ବରଗଡ଼ ଅଫିସ୍,୨।୪**

ବରଗଡ଼ସ୍ଥିତ ବିକାଶ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ ଇଲେକ୍ଟ୍ରା ୨୦୨୧–୨୨ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିକାଶ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ନାଥ ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଫାଷ୍ଟ ଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରି ଛାତ୍ରୀଛାତ୍ରଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ପରାକାଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା କରୋନା ମହାମାରୀ ସତ୍ତ୍ୱେ ଛାତ୍ରୀଛାତ୍ରଙ୍କ ପାଠପଢ଼ା କ୍ଷେତ୍ରରେ କୌଣସି ପ୍ରକାର ବ୍ୟାଘାତ ସୃଷ୍ଟି ହୋଇ ନ ଥିଲା ଏବଂ ଅନ୍‌ଲାଇନ ପାଠପଢ଼ା ଅବ୍ୟାହତ ରହିଥିବା କହିଥିଲେ। ବିକାଶ ଗ୍ରୁପ୍ ଏକ ଉନ୍ନତମାନର ଶୈକ୍ଷିକ ବାତାବରଣ ସହିତ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ରୂପେ ଓଡ଼ିଶାର ପରିଚୟ ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛି ବୋଲି ସେ କହିଥିଲେ ।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ ସହିତ ଦକ୍ଷତା ଅଭିବୃଦ୍ଧି କ୍ଷେତ୍ରରେ ପରୀକ୍ଷା ନମ୍ବର ବାଧକ ସାଜେ ନାହିଁ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ସମେତ ସମ୍ମାନିତ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଯୁଗଳେଶ୍ୱରୀ ଦାଶ, ଡେପୁଟି ରେଜିଷ୍ଟ୍ରାର ଡଃ ଉମାଚରଣ ପତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଗ୍ରୁପ୍‌ର ଆଡ଼ମିନିଷ୍ଟ୍ରେଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଜି. ରାମକ୍ରୀଷ୍ଣା, ଡି. ବିବେକ କୁମାର, ଡି. ବିଜୟା ଶ୍ୟାମଳା, ଡିନ୍ ପିତାମ୍ବର ଦାସ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଚିଫ୍ ଆଡ଼ମିନିଷ୍ଟ୍ରେଟିଭ ଅଫିସର ଡା. ସି.ଏଚ୍ ରବିକୁମାରଙ୍କ ସମେତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ବାର୍ଷିକୋତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

**ବିକାଶର ବାର୍ଷିକୋତ୍ସବ ଇଲେକ୍ଟ୍ରା ଉଦ୍‌ଯାପିତ**

## କେନଝିରିଆପାଲି ମଠରେ ହିନ୍ଦୁ ନବବର୍ଷ ପାଳିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହରେରାମ ପ୍ରେମାନନ୍ଦ ଯୋଗାଶ୍ରମ ମଠ ପରିସରେ ହିନ୍ଦୁ ନବବର୍ଷ ପାଳନ ହୋଇଯାଇଛି। ଏହି ଅବସରରେ ମଠ ପରିସରରେ ଥିବା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର, ଜ୍ଞାନେଶ୍ୱର ବାବା, ରାଧାକୃଷ୍ଣ, ହନୁମାନ ଓ ଭୈରବୀଙ୍କଠାରେ ହିନ୍ଦୁ ନବବର୍ଷ ଉପଲକ୍ଷେ ରୁଦ୍ରାଭିଷେକ ଓ ସ୍ୱତନ୍ତ୍ର ପୂଜା ଆରାଧନା କରାଯାଉଛି। ମଠାଧୀଶ, ସଭ୍ୟାସଭ୍ୟ, ଗାମବାସୀ, ବିଶ୍ୱହିନ୍ଦୁ ପରିଷଦ ସୋନପୁର ଶାଖାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ହିନ୍ଦୁ ନବବର୍ଷ ପାଳିତ

**ବ୍ରଜରାଜନଗର,୨।୪(ଡି.ଏନ.ଏ.):** ବ୍ରଜରାଜନଗର ସହରାଞ୍ଚଳରେ ଶନିବାର ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସହରା ଶତାଧିକ ଯୁବକ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପ ନିକଟ ବନଦୁର୍ଗା ମନ୍ଦିରଠାରେ ଏକତ୍ରିତ ହୋଇଥିଲେ। ମା'ଙ୍କୁ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶ୍ରମିକ ନେତା ଭାନୁ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହିଳା ସମିତି ପକ୍ଷରୁ ଓଡ଼ିଆ ଘରର ଖାଦ୍ୟ ପ୍ରସ୍ତୁତ

**ଟେନସା,୨।୪(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ ଟିଆରବି ଖଣିର ମହିଳା ସମିତି ପକ୍ଷରୁ ୮୭ତମ ଉତ୍କଳ ଦିବସ ପାଳତ ହୋଇଯାଇଛି। ଜିନ୍ଦଲ ଖଣିର ୟୁନିଟ ହେଡ ପ୍ରମୋଦ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଉତ୍କଳ ଦିବସକୁ ଭିନ୍ନ ଢଙ୍ଗ ରେ ପାଳନ ନିମନ୍ତେ ପ୍ରସ୍ତୁତି କରାଯାଇଥିଲା। ମହିଳା ସମିତିର ସଭାପତି ଟୁକୁନି ପାତ୍ରଙ୍କ ଆହ୍ୱାନରେ ଜିନ୍ଦଲ ପ୍ରଶାସନ ବିଭାଗ ସୁଦାମ ମହାକୁଡ଼ଙ୍କ ନେତୃତ୍ୱରେ ମହିଳା ସମିତିର କର୍ମକର୍ତ୍ତା ଓଡ଼ିଆ ସଂସ୍କୃତିକୁ ମନେ ରଖିବା ନିମନ୍ତେ ଓଡ଼ିଆ ଘରର ଚଳନୀରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଥିଲେ । ପ୍ରାକୃତିକ ଭାବେ କୂଅ, ନଳକୂପ,ଢ଼ିଙ୍କି, ଫେସା ଆଦିକୁ ମହିଳାମାନେ ନିର୍ମାଣ କରିଥିଲେ। ଜଗତର ନାଥ ଜଗନ୍ନାଥଙ୍କ ୧୨ର ମାସରେ ୧୩ ପର୍ବରେ ଓଡ଼ିଆ ଭାଇଭଉଣୀମାନେ କିପରି ପାଳନ କରନ୍ତି ସେ ସବୁକୁ ମଡେଲ ଚିତ୍ର ମାଧମରେ ପ୍ରଦର୍ଶୀତ କରାଯାଇଥିଲା। ଏସବୁକୁ ବିଦ୍ୟୁତ ବିଭାଗର ଏ.ଜି.ଏମ ଶଶାଙ୍କ ଶେଖର ବିଶ୍ୱାଳଙ୍କ ଟିମ ନିର୍ମାଣ କରିଥିଲେ। ୧୨ ମାସରେ ୧୩ ପର୍ବକୁ ଓଡ଼ିଆ ଭାଇଭଉଣୀ କିପରି ପାଳନ କରନ୍ତି ସେ ସବୁକୁ ମହିଳା ସମିତିର ମହିଳାମାନେ ବିଭିନ୍ନ ପ୍ରକାର ନାଚଗୀତ ମାଧମରେ ଦର୍ଶକଙ୍କ ମନକୁ ମୁଗ୍ଧ କରିଥିଲେ। ଓଡ଼ିଆ ବୀର ମହାପୁରୁଷମାନେ ଆମ ଓଡ଼ିଶା,ଆମ ମାତୃଭାଷାରର ଟେକ ରଖିବା ପାଇଁ କିପରି ନିଜ ଜୀବନକୁ ବଳିଦାନ ଦେଇଛନ୍ତି ସେସବୁକୁ ଜିନ୍ଦଲ କଲୋନୀର କୁନିକୁନି ପିଲା ନାଚଗୀତ ଅଭିନୟ ମାଧମରେ ଦେଖାଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଂର ଉପ ସଭାପତି ପ୍ରମୋଦ କୁମାର ପାତ୍ର, ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ଶରତ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଏନ୍‌ଏଚ୍‌ଆରସିଙ୍କୁ ଫେରାଦ ହେଲେ ମୃତକଙ୍କ ମା'

**ଗୋବିନ୍ଦ କୁମ୍ଭାର ମୃତ୍ୟୁ ମାମଲା**

**ବରଗଡ଼ ଅଫିସ୍,୨।୪:** ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ପାଖରେ ପହଞ୍ଚିଛି। ଶନିବାର ମୃତକଙ୍କ ମା' ଚଞ୍ଚଳା ଏନ୍‌ଏଚ୍‌ଆରସିଠାରେ ଅଭିଯୋଗ କରି ସମ୍ପୃକ୍ତ ପୋଲିସ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

# ଭିମ୍‌ସାରକୁ ଆସିବେ ଏନ୍‌ଏମ୍‌ସି ଟିମ୍

**ସମ୍ବଲପୁର,୨।୪(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଭିମ୍‌ସାର)ରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏପରିସ୍ଥଳେ ଆସନ୍ତା ମେ' ମାସରେ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ଏକ ଟିମ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଟିମ୍ ପରିଦର୍ଶନ ପୂର୍ବରୁ ଯଦି ଖାଲିପଡିଥିବା ଶିକ୍ଷକ ପଦ, ଆବଶ୍ୟକ କର୍ମଚାରୀ, ଆନୁଷଙ୍ଗିକ ବ୍ୟବସ୍ଥା, ଭିତ୍ତିଭୂମି ସଜଡା ନ ଯିବ ତା'ହେଲେ କେତେକ ବିଭାଗର ପିଜି ସିଟ୍ ଅନୁମୋଦନ ବାଦ୍ ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ଭିମ୍‌ସାର ପାଖରେ ମାତ୍ର ଏକମାସ ସମୟ ରହିଛି। ଏହି ସମୟ ଭିତରେ ବ୍ୟବସ୍ଥିତ କରା ନ ଗଲେ ବିପଦ ସୃଷ୍ଟିହେବା ଆଶଙ୍କା କରାଯାଉଛି। ଭିମ୍‌ସାର କର୍ତ୍ତୃପକ୍ଷ ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ପାଥୋଲୋଜି, ଡର୍ମାଟୋଲୋଜି, ଅର୍ଥୋପେଡିକ, ରେଡିଓ




ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର ।

### ଶିକ୍ଷକ ପଦବୀ ଖାଲି, ପିଜି ସିଟ୍ ପ୍ରତି ବିପଦ

ଡାଇଗ୍ନୋସିସ, ବାୟୋକେମେଷ୍ଟ୍ରି, ମାଇକ୍ରୋବାଇଓଲୋଜି, ପେଡିଆଟ୍ରିକ୍ସ ଭଳି ଅନେକ ବିଭାଗରେ ଶିକ୍ଷକ ପଦ ଖାଲି ରହିଛି। ଏପରି କି ଆବଶ୍ୟକ ଭିତ୍ତିଭୂମିର ମଧ ଅଭାବ ରହିଛି। ମୁଖ୍ୟତଃ ଏହି ଟିମ୍ ଶିକ୍ଷକ ପଦକୁ ଅନୁଧ୍ୟାନ କରିଥାଏ। ତେଣୁ ଶୀଘ୍ର ଖାଲି ଥିବା ପଦ ପୂରଣ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଲଳିତ ମେହେର କହିଛନ୍ତି, ମେ' ମାସରେ ଟିମ୍ ପରିଦର୍ଶନ କରିବା ଆଶା ରହିଛି। ସମୟ ପୂର୍ବରୁ ଖାଲି ଥିବା ଶିକ୍ଷକ ପଦ ପୂରଣ କରାଯିବାକୁ ଚେଷ୍ଟା କରାଯାଉଛି। ନିଯୁକ୍ତି ପାଇଁ ବିଜ୍ଞାପନ ମଧ ଦିଆଯାଇଛି। ଏହି ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇ ସହଯୋଗ ନିଆଯିବ। ଅନ୍ୟାନ୍ୟ ସମସ୍ୟା ମଧ ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଭିମ୍‌ସାର ଉପରେ ପଶ୍ଚିମ ଓଡ଼ିଶା ସମେତ ପଡୋଶୀ ରାଜ୍ୟର ରୋଗୀ ନିର୍ଭର କରନ୍ତି। ବିଭିନ୍ନ ବିଭାଗରେ ପ୍ରତିଦିନ ହଜାର ସଂଖ୍ୟାରେ ରୋଗୀ ଚିକିତ୍ସିତ ହୋଇଥାନ୍ତି। ଚିକିତ୍ସା ସମୟରେ ଦେଖିବାକୁ ଗଲେ ପିଜି ଛାତ୍ରୀଛାତ୍ରଙ୍କ ଭୂମିକା ରହିଥାଏ। ଏପରିସ୍ଥଳେ ଯଦି ପିଜି ସିଟ୍ ବାଦ୍ ପଡିଯାଏ ତେବେ ଭିମ୍‌ସାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡିବ। ଲୋକେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବେ। ପଦବୀ ଖାଲି ଥିବା ନେଇ ପୂର୍ବରୁ ଅନେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଛି। ଭିମ୍‌ସାର କର୍ତ୍ତୃପକ୍ଷ ବିଜ୍ଞାପନ ପ୍ରକାଶ ପାଇଛି, ନିଯୁକ୍ତି ହୋଇଯିବ ବୋଲି କହିଆସୁଛନ୍ତି। ହେଲେ ଏବେ ମଧ ବିଭିନ୍ନ ବିଭାଗରେ ଶିକ୍ଷକ, ପ୍ରଫେସର, ଆସୋସିଏଟ୍ ପ୍ରଫେସର, କର୍ମଚାରୀ ପଦ ଖାଲି ପଡିଛି। ଯଦି ପିଜି ସିଟ୍ ବାଦ୍ ଦିଆଯାଏ ତା'ହେଲେ ଜନ ଆନ୍ଦୋଳନର ରୂପ ନେବ ବୋଲି ଆଲୋଚନା ହେଉଛି।

### କୁଆଁରମୁଣ୍ଡାରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

**କୁଆଁରମୁଣ୍ଡା,୨।୪(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାରେ ଶନିବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ଏ ନେଇ କୁଆଁରମୁଣ୍ଡା ବଜାର ଠାରୁ ଆରମ୍ଭ କରି ବ୍ଲକ ଲିଙ୍କରୋଡ ଇତ୍ୟାଦି ଅଞ୍ଚଳରେ ପତାକା, ବ୍ୟାନର ଇତ୍ୟାଦି ଲଗାଇ ଅଞ୍ଚଳବାସୀ ପରସ୍ପରକୁ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏପରିକି ୧୪୩ ନମ୍ବର ଜାତୀୟ ରାଜପଥରେ ପ୍ରବଳ ଖରାରେ ଯାଉଥିବା ପଥଚାରୀ,ବାଇକ୍ ଆରେହୀମାନଙ୍କୁ ସ୍ୱେଚ୍ଛାସେବୀମାନେ ଅଟକାଇ ନବବର୍ଷର ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ଦହି ସରବତ୍ ପିଇବାକୁ ଦେଇଛନ୍ତି। ପ୍ରାୟ ଦେଢ ଶହ ଲିଟର ଦହିପଣା ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡାର ସ୍ୱେଚ୍ଛାସେବୀ ଶୈଳେଶ୍ ତିୱାରୀ, ଘନଶ୍ୟାମ ଦେବତା, ଅଂଜୟ ସାହୁ, ସୁରେଶ ଅଗ୍ରୱାଲ, ବାଲକ୍ରିଷ୍ଣ ଅଗ୍ରୱାଲ, ଦିଲ୍ଲୀପ ପଟେଲ, ଦୀପକ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସୂଚାରୁରୂପେ ସଞ୍ଚାଳନ କରିଛନ୍ତି। ଏହା ସହ ସନ୍ଧ୍ୟାରେ ନିକଟସ୍ଥ କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ମଧ୍ୟ ରାଷ୍ଟ୍ରୀୟ ନବବର୍ଷ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ପ୍ରେମପତ୍ରକୁ ନେଇ ଗୋଷ୍ଠୀ ସଂଘର୍ଷ: ୮ ଆହତ

**କୁତ୍ରା, ୨।୪(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲ ଗ୍ରାମରେ ପ୍ରେମପତ୍ରକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ୮ଜଣ ଆହତ ହୋଇଛନ୍ତି। ଏନେଇ କୁତ୍ରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏମଡି ସାମୁଇଲା ସିଦିକ ନାମକ ବ୍ୟକ୍ତି ଖତକୁରବାହାଲ ଗ୍ରାମରେ ଏକ ହୋଟେଲ ଦେଇଛନ୍ତି।ତାଙ୍କ ହୋଟେଲରେ ଝାଡ଼ଖଣ୍ଡ ଅଞ୍ଚଳର ଆଲାଉଦିନ ଅନସାରି(୨୦)କାମ କରନ୍ତି ଏବଂ ତାଙ୍କ ଘରେ ରୁହନ୍ତି। ସେ ଏମଡି ଅର୍ବାଜ ଓ ଏମଡି ସହବାଜଙ୍କ ଭଉଣୀଙ୍କୁ ଏକ ପ୍ରେମପତ୍ର ଦେଇଥିବା କହି ଦୁଇ ଭାଇ ଆଲାଉଦିନ ଅନସାରିକୁ ତାଙ୍କ ଘରକୁ ଡାକି ଝଗଡା କରୁଥିଲେ।ସେତେବେଳେ ହୋଟେଲ ମାଲିକ ଏବଂ ତାଙ୍କ ଦୁଇ ପୁଅ ଏମଡି ମୌସିମ ରାଜା ଓ ତୌଶିବ ରାଜା ଉଦ୍ଧାର କରିବାକୁ ଆସିଥିବା ବେଳେ ଦୁଇ ଗୋଷ୍ଠୀ ମଧରେ ମାରପିଟ ହୋଇଥିବା ସହିତ ୮ ଜଣ ଆହତ ହୋଇଥିବା ଜଣାପଡିଛି। ଆହତ ବ୍ୟକ୍ତି ମାନେ ହେଲେ ତୌଶିବ ରାଜା, ଆଲାଉଦିନ ଅନସାରି, ମୌସିମ ରାଜା,ଏମଡି ସାମୁଇଲା ସିଦିକ,ଏମଡି ଅର୍ବାଜ,ଏମଡି ସହବାଜ,ଜାହାନା ଖାତୁନ,ଏମଡି ମାନା। ତେବେ ଏହାକୁ ନେଇ ଦୁଇ ଗୋଷ୍ଠୀ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି।ଏହାକୁ ନେଇ କୁତ୍ରା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସୂଚନା ଦେଇଛନ୍ତି କୁତ୍ରା ଥାନା ଅଧିକାରୀ।

## ଜିଲା ପ୍ରଶାସନ ପକ୍ଷରୁ ୩ ଅସହାୟ ଶିଶୁ କନ୍ୟା ଉଦ୍ଧାର



୩ ନାବାଳିକାଙ୍କୁ ଉଦ୍ଧାର କରି ନିଆଯାଉଛି।

**ଦେବଗଡ଼,୨।୪(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ମୁଣ୍ଡାସାହିରେ ଅସହାୟ ଜୀବନ ବିତାଉଥିବା ୩ ନାବାଳିକାଙ୍କୁ ଶନିବାର ଦେବଗଡ଼ ଜିଲା ପ୍ରଶାସନ ଉଦ୍ଧାର କରିଛି। ସାବତ ବଡଭାଇ ଘରୁ ତଡିଦେବା ପରେ ମଦ୍ୟପ ବାପାଙ୍କ ଅଣଦେଖା ଯୋଗୁ ଉକ୍ତ ତିନି ଭଉଣୀ ଅତି ଦୁର୍ବିସହ ଜୀବନ କାଟୁଥିଲେ। ରାତ୍ର ସମୟରେ କେଉଁ ବୁଦାମୂଳେ ତ କେଉଁ ପୋଲ ତଳେ ସେମାନେ ଅସୁରକ୍ଷିତ ଭାବେ ମୁଣ୍ଡ ଗୁଞ୍ଜୁଥିବା ବେଳେ ବଞ୍ଚିବା ପାଇଁ ସେମାନେ ପରଘର ଅନ୍ନ ଉପରେ ନିର୍ଭର କରୁଥିଲେ। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ପାଇବା ପରେ ସେଠାକାର ଅଙ୍ଗନୱାଡି କର୍ମୀ, ଶିଶୁ ଆଶ୍ରୟ ଗୃହର କର୍ମକର୍ତ୍ତା ଇତିଶ୍ରୀ ପାଣି ଓ ସୁଭଦ୍ରା ସାହୁ ଓ ଚାଇଲ୍ଡଲାଇନ କର୍ମକର୍ତ୍ତା ଉପେନ୍ଦ୍ର ଭଞ୍ଜଙ୍କ ସହାୟତାରେ ଉପରୋକ୍ତ ୩ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ସେମାନଙ୍କୁ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନ କରାଯିବା ସହ ସପୋର୍ଟ ଶିଶୁ ଅଶ୍ରୟ ଗୃହରେ ଅସ୍ଥାୟୀ ଭାବେ ଆଶ୍ରୟ ଦିଆଯାଇଛି। ପରିସ୍ଥିତି ସ୍ୱାଭାବିକ ହେବାପରେ ସରକାରୀ ନୀତି ନିୟମ ଅନୁଯାୟୀ ସେମାନଙ୍କର ପାଠପଢା ସହ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପ୍ରକାଶ କରିଛନ୍ତି।

### ପିକ୍‌ଅପ, ବାଇକ୍, ଟିପ୍ପର ଦୁର୍ଘଟଣା: ପାଞ୍ଚ ଗୁରୁତର

**ଲହୁଣୀପଡ଼ା, ୨।୪(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ଲହୁଣୀପଡ଼ା ରାସ୍ତା ସତସଙ୍ଗ କେନ୍ଦ୍ର ନିକଟରେ ରାତି ପ୍ରାୟ ସାଢେ ସାତଟାରେ ଏକ ମାଲ ବୋଝେଇ ପିକଅପ ଭ୍ୟାନ ବାଇକ ପରେ ଟିପ୍ପରକୁ ଧକ୍କା ଦେଇଥିଲା। ଶେଷରେ ପିକଅପ୍ ଭ୍ୟାନ ରାସ୍ତା ମଝିରେ ଓଲଟି ପଡିଥିଲା। ଫଳରେ ପାଞ୍ଚ ଜଣ ଆହତ ହୋଇଥିବା ବେଳେ କିଛି ସମୟ ପାଇଁ ରାସ୍ତା ଜାମ ହୋଇଯାଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ କେ ବଲାଙ୍ଗ ଥାନା ଅନ୍ତର୍ଗତ ହାତିକୁଚା ଗ୍ରାମରୁ ଓଡ଼ି ୧୬ବି ୨୦୨୨ ବାଇକ ଯୋଗେ ରଥୁ କିଷାନ (୩୦), ଗୁରୁବାରୀ କିଷାନ(୩୮), ଗୀତା କିଷାନ (୨୮), ନିହାରିକା କିଷାନ (୭) ରାଜାମୁଣ୍ଡା ପଟେ ଯାଉଥିବା ବେଳେ ଓଆର୍ -୧୪ଏସ -୬୩୭୮ ପିକଅପ ଭ୍ୟାନ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ବିପରୀତ ଦିଗରୁ ଆସୁଥିବା ଓଆର୍-୦୯କେ-୩୦୨୯ ଟିପ୍ପରକୁ ମଧ ଧକ୍କା ଦେଇ ପିକଅପ ଭ୍ୟାନ ରାସ୍ତା ମଝିରେ ଓଲଟି ପଡିଥିଲା। ଫଳରେ ଉପରୋକ୍ତ ଚାରିଜଣଙ୍କ ସହିତ ପିକଅପ ଭ୍ୟାନ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପିକଅପ ଭ୍ୟାନରେ ବୋଝେଇ ହୋଇଥିବା ବିଭିନ୍ନ ସାମଗ୍ରୀ ସହିତ ପିକଅପ ଭ୍ୟାନ ରାସ୍ତା ମଝିରେ ଓଲଟି ପଡି ଥିବାରୁ ରାସ୍ତା କିଛି ସମୟ ପାଇଁ ଜାମ ହୋଇ ଯିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଗୁଡ଼ିକ ଛିଡା ହୋଇରହିଥିଲା। ଖବର ପାଇ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପିକଅପ ଭ୍ୟାନକୁ ଉଠାଇ ରାସ୍ତାକୁ ପରିଷ୍କାର କରି ଥିବାରୁ ସ୍ୱାଭାବିକ ଅବସ୍ଥା ଦେଖାଦେଇଥିବା ଜଣାପଡିଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର: ୭ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଟେନସା,୨।୪(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ଖଣି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଖଣି ମାଲିକ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଖଣି ପରିସର ମଧରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ରାଉରକେଲା ବିଭିନ୍ନ ବିଭାଗର ୧୨ଜଣ ବରିଷ୍ଠ ଡାକ୍ତର ଯୋଗଦେଇଥିଲେ। ସ୍ତ୍ରୀ ରୋଗ, ଶିଶୁ, ଆଖି, ଗଳା, କାନ, ଚର୍ମ, ମେଡିସିନ, ଦାନ୍ତ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଇଡ଼ା ବ୍ଲକ ଅଞ୍ଚଳର ଟେନସା, ଜିରୋ ପଏଣ୍ଟ, କୁଲା, କମଣ୍ଡ, ସାରଖୁଣ୍ଟା, ଭୁତୁଡା, ପାଟମୁଣ୍ଡା, କାଲଟା,ରାଇକେଲା, ରେଙ୍ଗମା ,ଡେଙ୍ଗୁଳା, କୋଇଡ଼ା, କାଶିରା ଆଦି ପାରିପାର୍ଶ୍ୱିକ ଅଞ୍ଚଳର ୭ଶହରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣରେ ଔଷଧ ନେଇଥିଲେ। ଖଣି ଜି.ଏମ ବି.ବି ସାହୁଙ୍କ ନିର୍ଦ୍ଦେଶରେ ଖଣି କର୍ମଚାରୀ, ଆଶା କର୍ମୀମାନେ ସ୍ୱତନ୍ତ୍ର ଗାଡିରେ ରୋଗୀଙ୍କୁ ନେବା ଆଣିବା କରୁଥିଲେ। ପ୍ରତ୍ୟେକ ରୋଗୀଙ୍କୁ ଗୀତାରାଣୀ ଖଣି ପକ୍ଷରୁ ଖାଦ୍ୟ ପ୍ୟାକେଟ ବ୍ୟବସ୍ଥା କରାଯିବା ସହ ମାଗଣାରେ ଔଷଧ ଦିଆଯାଇଥିଲା। ଡେଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ଟେନସା ସରପଞ୍ଚ ଅନୀତା ପୂର୍ତ୍ତି, ଗୀତାରାଣୀ ଖଣି ସି.ଇ.ଓ ସୁମିତି ପଟେଲ, ଖଣି ଜି .ଏ .ଏମ ବି.ବି ସାହୁ, ଖଣି ପରିଚାଳକ ପି.କେ ସାହୁ ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୀତାରାଣୀ ଖଣି ପକ୍ଷରୁ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇ ଥିବାରୁ ପାଖ ଆଖ ଗ୍ରାମର ରୋଗୀମାନେ ବେଶ ଉପକୃତ ହେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।



ମାଗଣା ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସମାଗମ।

## ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ବିଧାୟିକା



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀଠାରେ ବିଧାୟିକା କୁସୁମ ଟେଟେ ସ୍ମାରକପତ୍ର ଦେଉଛନ୍ତି।

**ସୁନ୍ଦରଗଡ,୨।୪ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲାରେ ରେଳ ସେବାର ବିକାଶ ନେଇ ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀଠାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଓ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଝାରସୁଗୁଡା -ଅମ୍ବିକାପୁର ନୂତନ ରେଳପଥ ଭାୟା ସୁନ୍ଦରଗଡ ଦେଇ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ କରାଗଲେ ଜିଲା ସମେତ ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ଛତିଶଗଡର ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଆଦିବାସୀ ବହୁଳ ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ।

### ରାଜଗାଙ୍ଗପୁର ଓକିଲ ସଂଘର ସ୍ୱାଗତ, ଶପଥ ଗ୍ରହଣ

**ରାଜଗାଙ୍ଗପୁର,୨।୪(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଓକିଲ ସଂଘର ସ୍ୱାଗତ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିର୍ବାଚନ ଅଧିକାରୀ ରାଜୀବ ହାଲଡାର ପ୍ରଥମେ ନବନିର୍ବାଚିତ ସଭାପତି ପ୍ରଳୟ ହାଜରା, ଉପସଭାପତି ଅଶୋକ ପାଣି, ସଂପାଦକ ରବିନ୍ଦ୍ର ଦାଶ, ସହସଂପାଦକ ସନ୍ତୋଷ ସାହୁ, ଯୁଗ୍ମ ସଂପାଦକ ବିକ୍ରମ ପୃଷ୍ଟେଠ, କୋଷାଧ୍ୟକ୍ଷ ସତ୍ୟଧାମ ଭଗତ ଓ ୫ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କର ଶପଥ ପାଠ କରାଇଥିଲେ। ଶପଥ ପାଠ ପରେ ନିର୍ବାଚିତ ସଦସ୍ୟମାନଙ୍କୁ ସଂଘର ଆଇନଜୀବୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବରିଷ୍ଠ ଆଇନଜୀବୀ ଲବେନ୍ଦ୍ର ବେହେରା, ପ୍ରଦୀପ ପଟ୍ଟନାୟକ, ଦିବାକର ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟ ରଖି ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଆଗାମୀ ଦିନରେ ସଂଘର ବିଭିନ୍ନ ସମସ୍ୟା ଗୁଡ଼ିକ ସମାଧାନ ତଥା ରାଜଗାଙ୍ଗପୁର ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ନବନିର୍ବାଚିତ ଆଇନଜୀବୀମାନେ ସାମୂହିକ ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ।

## ସେଲ୍ ପକ୍ଷରୁ ଆଦିବାସୀ ନୃତ୍ୟ ପ୍ରତିଯୋଗିତା



ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

**ଟେନସା,୨।୪(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ବରସୁଆଁ ଲୌହଖଣି (ସେଲ) ଫେରିଫେରିୟାଲ ତରଫରୁ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ବରସୁଆଁ ଲୌହ ଖଣି ସିନିୟର ଜି.ଏମ ପି.କେ ରଥ, ପ୍ରଶାସନ ବିଭାଗର ମୁଖ୍ୟ ଜେ.ପି ମିଶ୍ର, ସି.ଏସ ଆର ମୁଖ୍ୟ ଅମୀୟ ରଞ୍ଜନ ରାଉତ ଯୋଗ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ବଣାଇ ଉପଖଣ୍ଡରେ ଆଦିବାସୀମାନଙ୍କ ମଧ୍ୟରେ ଭାଇ ଚାରା ବଜାଇ ରଖିବା ସହ ଆଦିବାସୀ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ବରସୁଆଁ ଲୌହ ଖଣି ଯେଉଁ ପ୍ରୟାସ ଆରମ୍ଭ କରିଛି ତାହା ଏକ ସ୍ୱାଗତ ପଦକ୍ଷେପ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କୋଇଡା ,ଟେନସା, ଜିରୋ ପଏଣ୍ଟ, ବରସୁଆଁ ,ତାଲିଢ଼ି ସମେତ ବିଭିନ୍ନ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ଆଦିବାସୀ ନୃତ୍ୟ ଟିମ ଭାଗ ନେଇଥିଲେ। ଏଥିରେ ବିଜୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ

**ରାଉରକେଲା ଅଫିସ:** ରାଉରକେଲା ଭାଜପା ମିଡ୍ ଟାଉନ ପକ୍ଷରୁ ସଭାପତି ହରବିନ୍ଦର ସିଂହଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏହି ଅବସରରେ ଭାଜପା ପକ୍ଷରୁ ପଥଚାରୀମାନଙ୍କୁ ପଣା ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ, ଶଶାଙ୍କ ଜେନା, ଭଗବାନ ରାଉତ, ନିହାର ରାୟ, ସସ୍ମିତା ସାହୁ, ଇପସିତା ବିଶ୍ୱାଳ, ଅଶୋକ ଗିରି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଉତ୍କଳ ଯୁବା ଗୋଷ୍ଠୀ ପକ୍ଷରୁ ଉଦିତନଗର ସ୍ଥିତ ଆମ୍ବେଦକର ଛକରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଥିଲା।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଏମ୍‌ସିଏଲ୍‌ର ୩୧ତମ ପ୍ରତିଷ୍ଠା ଦିବସ, ଆନନ୍ଦ ବିହାର ଓ ଜାଗୃତି ବିହାର, ସକାଳ ସାଢ଼େ ୬ଟା।
- ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ଶୋଭାଯାତ୍ରା, ରେଲୱେ ଇନ୍‌ଷ୍ଟିଚ୍ୟୁଟ, ପୂର୍ବାହ୍ନ ସାଢ଼େ ୯ଟା।
- ୫୭ତମ ଜିଲାସ୍ତରୀୟ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୩ଟା।
- ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦ ପକ୍ଷରୁ ପ୍ରଫେସର ହାଡିବନ୍ଧୁ ମିର୍ଦ୍ଧା ଜୟନ୍ତୀ, ବୁଢ଼ାରଜା ଭୀମଭୋଇ ମଣ୍ଡପ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ଆର୍‌ଏସ୍‌ପି କର୍ମଚାରୀଙ୍କୁ ମାଡ଼: ୨ ଗିରଫ

**ରାଉରକେଲା ଅଫିସ,୨।୪:** ଜଣେ ଆରଏସ୍‌ପି କର୍ମଚାରୀଙ୍କୁ ମାଡ ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରେହନତନଗର ଅଞ୍ଚଳର ଏସ୍.କେ ୱାସିମ(୩୪) ଓ ଶେଖ ସେଫୱଲା(୨୨)। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଆରଏସ୍‌ପି କର୍ମଚାରୀ ନରେଶ ରାଓ ଗତ ୩୧ ତାରିଖ ରାତି ସାଢ଼େ ୯ଟା ସମୟରେ ଡ୍ୟୁଟି ସାରି ସେକ୍ଟର-୭ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ବିଶ୍ରା ଛକ ଓଭରବ୍ରିଜ ଉପରେ ଗାଳିଗୁଲଜ ସହ ମାଡ଼ ମାରିଥଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୨୫।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ନେସ ବିଭାଗ ଚାମ୍ପିୟନ

**ରାଉରକେଲା ଅଫିସ,୨।୪:** ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଶନିବାର ବାର୍ଷିକ ନିଷ୍ପାଦନ ସମୀକ୍ଷା ବୈଠକ ଓ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ଆରଏସ୍‌ପିର ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଛି। ରନର୍ସ ଅପ୍ ଭାବେ ପ୍ଲେଟ ମିଲ ବିଭାଗକୁ ପୁରସ୍କୃତ କରାଯାଇଛି। ଏହି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ପିଠା ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା ଅଫିସ,୨।୪:** ରାଉରକେଲା ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଉତ୍କଳ ସ୍ନେହମୟୀ ମହିଳା ସମିତି ପକ୍ଷରୁ ଚାଲିଥିବା ପିଠା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ସମିତିର ସଭାନେତ୍ରୀ ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ମଞ୍ଜୁଳା ରଥ, ନିନା ରାଣୀ ଜେନା ଓ ନନ୍ଦିତା ବେହେରା ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସହରର ବିଭିନ୍ନ ଅଞ୍ଚଳରୁ ୭୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଚକୁଳି, ଇଟିଲି, ଘିପିଠା ଭଳି ଶହେରୁ ଉର୍ଦ୍ଧ୍ୱ ପିଠା ପ୍ରଦର୍ଶନ କରାଯାଇଥିଲା। ପ୍ରତିଯୋଗିତାରେ ମୋନାଲିସା ରାୟ ପ୍ରଥମ, ରଶ୍ମିତା ସାହୁ ଦ୍ୱିତୀୟ ଓ ମଞ୍ଜୁବାଳା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଇନଜୀବୀ ବବିତା ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଦକ୍ଷତା ବିକାଶ କେନ୍ଦ୍ର ଖୋଲିବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

### ଦାବି ଜଣାଇଲା ଯୁଯୁମୁରାର ଉତ୍ସବ ପରିବାର

**ସମ୍ବଲପୁର,୨।୪(ବ୍ୟୁରୋ)**



ଉତ୍ସବ ପରିବାର ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ ଯୁଯୁମୁରା ବ୍ଲକ ବିକଶିତ ହେଉଛି। ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ କେନ୍ଦ୍ର ସରକାର ଏକଲବ୍ୟ ମଡେଲ ସ୍କୁଲ, ରାଜ୍ୟ ସରକାର ଆଦର୍ଶ ସ୍କୁଲ ଓ ୫-ଟି ଅଧୀନରେ ସ୍କୁଲ ନିର୍ମାଣ ହୋଇଛି। ଏବେ ଯୁବବର୍ଗଙ୍କ ପାଇଁ ଆଉ ଏକ ଶିକ୍ଷା ଅନୁଷ୍ଠାନ ହେବାକୁ ଯାଉଛି। ଶନିବାର ଯୁଯୁମୁରା ବ୍ଲକ ଡଙ୍ଗାପାଲ ଗ୍ରାମର ସାମାଜିକ ଅନୁଷ୍ଠାନ ଉତ୍ସବ ପରିବାର ସଦସ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବି ଜଣାଇଥିଲେ। ମନ୍ତ୍ରୀ ଏ ନେଇ ପ୍ରତିଶ୍ରୁତି ଦେବା ସହ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ଉତ୍ସବ ପରିବାର ଆବାହକ ଜୟନ୍ତ ପ୍ରଧାନ, ଭାଜପା ନେତା ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟିଥିଲେ। ସେମାନେ ଦେଇଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି, ଜିଲାରେ ଆଦିବାସୀ ବହୁଳ ବ୍ଲକ ଭିତରେ ଯୁଯୁମୁରା ଅନ୍ୟତମ। ପିଲାଙ୍କ ଦକ୍ଷତା ବିକାଶ ଓ ଆତ୍ମନିର୍ଭର ହେବା ପାଇଁ କୌଣସି ବଡ ଶିକ୍ଷାନୁଷ୍ଠାନ ଓ ତାଲିମ କେନ୍ଦ୍ର ବ୍ଲକରେ ନାହିଁ। ମୋଟ ୧୮ ପଞ୍ଚାୟତରେ ପ୍ରାୟ ୯୦ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଉଚ୍ଚଶିକ୍ଷା ପାଇଁ ସମ୍ବଲପୁର ଉପରେ ବିଶେଷ ଭାବେ ନିର୍ଭର କରନ୍ତି। ଅନେକ ଯୁବତୀ ଓ ଯୁବକ ଗ୍ରାଜୁଏଟ କିମ୍ବା ଅଧିକ ଡିଗ୍ରୀ ହାସଲ କରିବା ପରେ ମଧ୍ୟ ନିଯୁକ୍ତି ସୁଯୋଗ ମିଳିପାରୁନାହିଁ। ଫଳରେ ଆର୍ଥିକ ଓ ସାମାଜିକ ବିକାଶରେ ବାଧା ସୃଷ୍ଟି ହେଉଛି। ଯଦି ଦକ୍ଷତା ବିକାଶ କେନ୍ଦ୍ର ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ (ଏନ୍‌ଏସ୍‌ଡିସି) ଯୋଜନାରେ ଖୋଲଯିବ ତା'ହେଲେ ବ୍ଲକ ପାଇଁ ଲାଭଦାୟକ ହେବ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଦାବି ଶୁଣିବା ପରେ ମନ୍ତ୍ରୀ ପ୍ରଧାନ ଆଲୋଚନା କରି ଶୀଘ୍ର ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବ ବୋଲି କହିଥିଲେ।

# ଜାଗା ମିଶନରେ ସାଢ଼େ ୬ କୋଟିର କାର୍ଯ୍ୟାଦେଶ ବଣ୍ଟନ



ସମ୍ବଲପୁର ଜିଲାପାଳ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ସମ୍ବଲପୁର,୨।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ଜାଗା ମିଶନ ଯୋଜନାରେ ସାଢେ ୬ କୋଟିର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଭିନ୍ନ ପଡ଼ାର ଏସ୍‌ଏଚ୍‌ଜି ମହିଳାମାନେ କାର୍ଯ୍ୟାଦେଶ ଗ୍ରହଣ କରିଥିଲେ। ଏହା ମଧ୍ୟରେ ତ୍ରିପାଠୀପଡା, କେନାଲପଡା, ଗୌଡପାଲି, ଶକ୍ତି ନଗର, ମହାନଦୀ ବ୍ରିଜ, କାଲୁପଡା, ବୃନ୍ଦାବତୀପଡା, ମାଳିପଡା, ଗୁରୁଦ୍ୱାରା ପଡା, ନୂଆବଜାର, ମାଛପଡା, ଖ୍ରୀଷ୍ଟିଆନପଡାକୁ ମିଶାଇ ୨୮ ଗୋଟି ପଡ଼ା ରହିଛି। ୬ କୋଟି ୫୪ ଲକ୍ଷ ୫୪୭ ବ୍ୟୟ ଅଟକଳରେ ୭୬ ପ୍ରକଳ୍ପ ହାତକୁ ନିଆଯାଇଛି। ରାସ୍ତା, ଡ୍ରେନ୍ ନିର୍ମାଣ ଭଳି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। କାର୍ଯ୍ୟକ୍ରମରେ ଏସ୍‌ଏମ୍‌ସିର ଅନ୍ୟ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

# ସମଲେଇ ପୀଠରେ ବାସନ୍ତିକ ନବରାତ୍ର ଆରମ୍ଭ



ସମଲେଶ୍ୱରୀଙ୍କ ପୀଠରେ ମାନସିକ ଦୀପ ପ୍ରଜ୍ୱଳନ କରାଯାଉଛି।

**ସମ୍ବଲପୁର,୨।୪(ବ୍ୟୁରୋ)**

ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ସମ୍ବଲପୁରର ଇଷ୍ଟ ଦେବୀ ସମଲେଇ ପୀଠରେ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ହୋଇଛି। ପ୍ରାତଃରେ ନୀତିକାନ୍ତି ଅନୁସାରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଚଳିତ ବର୍ଷ ଭକ୍ତମାନେ ପ୍ରଥମ ଦିନରେ ଦୀପ ପ୍ରଜ୍ୱଳନ କରିଛନ୍ତି। ଉଦ୍‌ଯାପନୀ ଦିନରେ ମଧ୍ୟ ସେମାନେ ଉପସ୍ଥିତ ରହିବେ। କିନ୍ତୁ ପ୍ରତିଦିନ ମାନସିକ ଦୀପ ପ୍ରଜ୍ୱଳନ ସ୍ଥାନକୁ ଯିବାକୁ ବାରଣ କରାଯାଇଛି। ଅପରପକ୍ଷେ ସହରର ବିଭିନ୍ନ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ବୁଦ୍ଧରାଜା ହିଲ ହନୁମାନ ମନ୍ଦିର ପରିସରରେ ରାଜୀବ ଶତପଥିଙ୍କ ପରିଚାଳନାରେ ବିଶ୍ୱଶାନ୍ତି ସଙ୍କଟ ମୋଚନ ହନୁମାନ ମହାଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଝଣ୍ଡା ଯାତ୍ରା ହୋଇଥିଲା। ରାମ ଓ ହନୁମାନ ମନ୍ଦିରରେ ଝଣ୍ଡା ପୂଜା କରାଯାଇଥିଲା। ଜିଲା ସ୍କୁଲ ଛକଠାରେ ଝଣ୍ଡା ସ୍ଥାପନା କରାଯାଇଥିଲା। ଏହାପରେ ଦୁଲଦୁଲି ବାଜା ସହ ଝଣ୍ଡାଯାତ୍ରା ସହ ସହରର ୮ଟି ସ୍ଥାନରେ ଝଣ୍ଡା ସ୍ଥାପନ କରାଯାଇଥିଲା। ପ୍ରଦୀପ ବହିଦାର, ସତ୍ୟନାରାୟଣ ପଣ୍ଡା, ଗିରିଶ ପଟେଲ, ସୁଧିର ରଞ୍ଜନ ବହିଦାର, ଶିବକୁମାର ଅଗ୍ରୱାଲ, ଟୁକୁ ମହାନ୍ତି, ସରୋଜ ଘଡେଇ ପ୍ରମୁଖ ଗୈରିକ ଝଣ୍ଡା ଧରି ଯାତ୍ରାର ନେତୃତ୍ୱ ନେଇଥିଲେ। ସେହିପରି ସନ୍ଧ୍ୟାରେ ସମର୍ଥନ ଆୟୋଜନରେ ସାଂସ୍କୃତିକ ସନ୍ଧ୍ୟା ସୀମାହିନ ଦରିଆ ଅନୁଷ୍ଠିତ ହୋଇଥିଲା। ଡ.ବିଶ୍ୱରଞ୍ଜନ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଜପାରେ ଯୋଗଦେଲେ କଂଗ୍ରେସ ନେତ୍ରୀ

**ସମ୍ବଲପୁର,୨।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କଂଗ୍ରେସ ନେତ୍ରୀ ତଥା ଜିଲା ପରିଷଦ ପ୍ରାର୍ଥିନୀ ସସ୍ମିତା ଦେହୁରି ଭାଜପାରେ ଯୋଗଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁଙ୍କୁ ନୂଆଦିଲ୍ଲୀରେ ଭେଟି ଯୁଯୁମୁରା ବ୍ଲକର ବିକାଶ ନେଇ ଆଲୋଚନା କରିଥିଲେ। ଏହି ସମୟରେ ଭାଜପା ନେତା ରେଢାଖୋଲ ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଯୁଯୁମୁରା ସମିତି ସଦସ୍ୟ ଜୟନ୍ତ ପ୍ରଧାନ, କବରାପାଲି ସରପଞ୍ଚ ଅନ୍ତର୍ଯାମୀ ସାହୁଙ୍କ ସମେତ ପୂର୍ବତନ ସରପଞ୍ଚ ଦେବାନନ୍ଦ ଭୋସାଗର, ମିତ୍ରଭାନୁ ପ୍ରଧାନ ଉପସ୍ଥିତ ଥିଲେ। କୁକୁଡାପାଲିର ଗ୍ରାମର ସସ୍ମିତା ପୂର୍ବରୁ ସମିତି ସଭ୍ୟା ଓ ଜିଲା ପରିଷଦ ସଦସ୍ୟା ରହିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୮ ପ୍ରକଳ୍ପ



ସଭାରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା,୨।୪ (ଡି.ଏନ.ଏ.)**

ସମ୍ବଲପୁର ଜିଲାର କୁଟୁରାଚୁଆଁ ନୋଡାଲ ହାଇସ୍କୁଲରେ ଶନିବାର କୁଚିଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ୯ମ ଓ ୧୦ମ ଶ୍ରେଣୀକୁ ନେଇ ହୋଇଥିବା ଏହି ମେଳାରେ ମୋଟ ୧୮ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ତନ୍ମଧ୍ୟରୁ ଅର୍ଡାବାହାଲ ଏସ୍‌ଏସ୍‌ଡି ହାଇସ୍କୁଲ ଛାତ୍ରୀ ଭବଶ୍ରୀ ନାୟକ ପ୍ରଥମ ହୋଇଥିବା ବେଳେ କୁଚିଣ୍ଡା ବାଳିକା ହାଇସ୍କୁଲ ଛାତ୍ରୀ ସୁମିତ୍ରା ପୂଜାରୀ ଦ୍ୱିତୀୟ ଓ କୁଟୁରାଚୁଆଁ ନୋଡାଲ ହାଇସ୍କୁଲ ଛାତ୍ରୀ ପୁନମ ସାହୁ ତୃତୀୟ ସ୍ଥାନ ହାସଲ କରି ଜିଲା ସ୍ତରକୁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ ଫାଶିମାଲ ଯୁକ୍ତ୨ କଲେଜର ଗଣିତ ବିଭାଗ ଅଧ୍ୟାପକ ରଞ୍ଜନ ଭଇଁଷା ଓ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। କୁଚିଣ୍ଡା ବିଡିଓ ଉତ୍ପଳ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ଏବିଇଓ ଗୌରାଙ୍ଗ କୁସୁମ ଓ ଚନ୍ଦନିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କୁଟୁରାଚୁଆଁ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ସଭା ପରିଚାଳନା କରିଥିବାବେଳେ କୁଲେଇଗଡ ହାଇସ୍କୁଲ ସଂସ୍କୃତ ଶିକ୍ଷକ ସୁଶୀଳ ମହାକୁଳ ଧନ୍ୟବାଦ ଦେଇଥିଲେ।

### ଲୋକନୃତ୍ୟରେ ଭାରତୀଙ୍କୁ ଜୁନିୟର ସ୍କଲାରଶିପ



**ସମ୍ବଲପୁର,୨।୪(ବ୍ୟୁରୋ)**

ସମ୍ବଲପୁରୀ ଲୋକନୃତ୍ୟ ବିଭାଗରେ ଭାରତୀ କୁଅଁର ଜୁନିୟର ସ୍କଲାରଶିପ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆୟୋଜିତ ତଥା ସିସିଆର୍‌ଟି ପ୍ରଦତ୍ତ କଲଚରାଲ ଟ୍ୟାଲେଣ୍ଟ ସର୍ଚ୍ଚ ସ୍କଲାରଶିପ (ଜୁନିୟର) ୨୦୨୦-୨୧ ବର୍ଷ ସକାଶେ ଭାରତୀଙ୍କୁ ମନୋନୀତ କରାଯାଇଛି। ସମ୍ବଲପୁର ଜିଲା ଧନୁପାଲିସ୍ଥିତ ନଟରାଜ ଅନୁଷ୍ଠାନର ଗୁରୁ ମହେଶ ପଟେଲଙ୍କଠାରୁ ଭାରତୀ ନୃତ୍ୟ ଶିକ୍ଷା ଗ୍ରହଣ କରିଆସୁଛନ୍ତି। ସେ ଜିଲା ଓ ଜିଲା ବାହାରେ ନୃତ୍ୟ ପ୍ରଦର୍ଶନ କରି ସଫଳତା ପାଇଛନ୍ତି। ତାଙ୍କୁ ସମ୍ବଲପୁରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କଳାକାର, ନୃତ୍ୟଗୁରୁ ଶୁଭେଚ୍ଛା ଜଣାଇଛନ୍ତି।

# ଏମ୍ସ କଲେଜରେ ଓଡ଼ିଶା ଦିବସ

**ସମ୍ବଲପୁର,୨।୪(ବ୍ୟୁରୋ)**



ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀମାନେ।

ସମ୍ବଲପୁର ପରଧିଆପାଲିସ୍ଥିତ ଏମ୍ସ କଲେଜରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କଲେଜ ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ କଲେଜ ଓଡିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଓଡିଆ ଭାଷାର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ସେହିପରି ହାସ୍ୟକବି ସଙ୍କେତ କୁମାର ପୁରୋହିତ ବ୍ୟଙ୍ଗ କବିତା ପାଠ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ରଙ୍ଗୋଲି, ଓଡିଆ ରଚନା, ତର୍କ ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଟିପିଡବ୍ଲ୍ୟୁଓଡିଏଲ୍ ଗ୍ରାହକଙ୍କ ବିଦ୍ୟୁତ୍ ଚାହିଦା ପୂରଣ କରିବ

**ସମ୍ବଲପୁର,୨।୪(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ଗ୍ରହକଙ୍କ ସେବାକୁ ଅଧିକ ଗୁରୁତ୍ୱ ଦେଇଆସୁଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କମ୍ପାନୀ ଓଡିଶା ସରକାରଙ୍କ ସହଯୋଗରେ ବିଦ୍ୟୁତ୍ ଶକ୍ତି ଗତ ବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ ଯୋଗାଇବାକୁ ଯୋଜନା କରିଛି। ଗତବର୍ଷ ଗ୍ରୀଷ୍ମ ଋତୁରେ ୧୨୧୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଇଥିଲା। ଚଳିତବର୍ଷ ତାହା ୧୩୫୦ ମେଗାୱାଟକ ବୃଦ୍ଧି କରି ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବ। ଜରୁରୀକାଳିନ ପରିସ୍ଥିତିରେ ମଧ୍ୟ କମ୍ପାନୀ ସତର୍କ ରହିଛି। ପ୍ରତିଦିନ ସବ୍‌ଷ୍ଟେଶନ, ଫିଡରଗୁଡିକର ରେକର୍ଡ ରଖିବା ସହ ବ୍ରେକ୍‌ଡାଉନ ଭଳି ପରିସ୍ଥିତି ଯେଭଳି ସୃଷ୍ଟି ହେବନାହିଁ ସେ ନେଇ ଧ୍ୟାନ ଦେବାକୁ କୁହାଯାଇଛି ବୋଲି କମ୍ପାନୀର ମୁଖ୍ୟନିର୍ବାହୀ ଅଧିକାରୀ ଇଞ୍ଜିନିୟର ଗଜାନନ କାଲେ ପ୍ରେସ ବିବୃତିରେ ସୂଚିତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗ୍ରୀଷ୍ମ ଋତୁରେ ବିଦ୍ୟୁତ ଶକ୍ତି ଆବଶ୍ୟକତା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ଆମର ପ୍ରଥମ କାମ। ତେଣୁ ଶକ୍ତି ନେଟୱର୍କକୁ ଅଧିକ ସୁଦୃଢ଼ କରିବା, ରକ୍ଷଣାବେକ୍ଷଣ ସକାଶେ ୪୯୦୦ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

# ଓପିଜିସି ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ

**ଝାରସୁଗୁଡ଼ା ଅଫିସ,୨।୪**



ଓପିଜିସି ତରଫରୁ ଟ୍ୟାଙ୍କର ଯୋଗେ ଦିଆଯାଉଥିବା ପାନୀୟ ଜଳ।

ପ୍ରତିବର୍ଷଭଳି ଚଳିତବର୍ଷ ଓପିଜିସି କମ୍ପାନୀ ତରଫରୁ ପାର୍ଶ୍ୱବର୍ତ୍ତୀ ଜଳକଷ୍ଟ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ଶୁକ୍ରବାରରୁ ଆରମ୍ଭ ହୋଇଛି। ୮ ପଞ୍ଚାୟତର ୬୯ ଗ୍ରାମକୁ ପାନୀୟଜଳ ଯୋଗାଣରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିମଧ୍ୟରେ ତେଲେନପାଲି, କୁଶ୍ରାଲୋଇ, ରେମଣ୍ଡା, କୁମ୍ଭାରବନ୍ଧ, ଦଲଗାଁ, ତିଲିଆ, ପିପିଲିକାନୀ ଓ ରମ୍ପେଲା ପଞ୍ଚାୟତ ରହିଛି। ଏହିସବୁ ଗ୍ରାମରେ ୩,୫୦୦ଘର ରହିଥିବାବେଳେ ୧୨ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏହାକୁ ଦୃଷ୍ଟିରେରଖି ୧୩ ଟ୍ୟାଙ୍କରରେ ଦୈନିକ ୨ଲକ୍ଷ ୨୫ହଜାର ଲିଟର ଜଳ ଯୋଗାଣ ହେଉଛି। ଏହି ପ୍ରକ୍ରିୟା ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ଚାଲିବ। ଏହା ସହିତ କମ୍ପାନୀ ୧୭ ଜଳକଷ୍ଟ ଗ୍ରାମକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କରୁଛିବୋଲି କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# ପାନୀୟଜଳ ସମସ୍ୟାକୁ ଗୁରୁତ୍ୱ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘନଘନ ସମୀକ୍ଷା ବୈଠକ

**ଝାରସୁଗୁଡ଼ା ଅଫିସ,୨।୪**



ଲଖନପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଚାଲିଥିବା ସମୀକ୍ଷା ବୈଠକ।

ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଖୁବ୍‌ଶୀଘ୍ର ଉପନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ନିର୍ବାଚନ ମଣ୍ଡଳୀ ଗସ୍ତକରି ପୌରାଞ୍ଚଳ ଓ ବ୍ଲକ୍ ଅଞ୍ଚଳର ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ସମୀକ୍ଷା ବୈଠକ କରୁଛନ୍ତି। ଏଥିରେ ମନ୍ତ୍ରୀ ମୁଖ୍ୟତଃ ପାନୀୟଜଳ ସମସ୍ୟାକୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

୧୦ଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଲଖନପୁର ବ୍ଲକ୍‌ରେ ପାନୀୟଜଳ ସମସ୍ୟା ନେଇ ଇବ୍‌ଥର୍ମାଲ ଓ ଗତ ଶୁକ୍ରବାର ବ୍ରଜରାଜନଗର ପୌରାଞ୍ଚଳରେ ସମୀକ୍ଷା ବୈଠକ କରିଥିଲେ। ପୁଣି ଶନିବାର ଲଖନପୁର ବ୍ଲକ୍ ସମ୍ମିଳନୀ କକ୍ଷ ଓ ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଥିଲେ। ଲଖନପୁରଠାରେ ବୈଠକରେ ଅଧ୍ୟକ୍ଷା ହୁତେଶ୍ୱରୀ ତିହାରିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ବେଲପାହାଡ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ପିଡି ଡିଆର୍‌ଡିଏ ତପିରାମ ମାଝି, ବିଡିଓ ସଞ୍ଜୀବ ପଟେଲ, ଜିଲାପରିଷଦ ସଦସ୍ୟ ସନତ ସିଂହ, ଅକ୍ଷୟ ସାହୁ, ପୁଷ୍ପଲତା ସେଠ୍, ସରପଞ୍ଚ ରଘୁମଣି ପ୍ରଧାନ, ସଞ୍ଜୀବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆର୍‌ଡବ୍ଲ୍ୟୁଏସ୍‌ଏସ୍, ପିଡବ୍ଲ୍ୟୁଡି, ଆର୍‌ଡି, ଓପିଜିସି ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଉପସ୍ଥିତ ରହି ବ୍ଲକ୍ ଓ ପୌରାଞ୍ଚଳରେ ପାନୀୟଜଳ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। କେଉଁ ଗ୍ରାମକୁ କେତେ ପାଣି ଯାଉଛି ଆଉ କେଉଁ ଗ୍ରାମକୁ ପାଣିର ଆବଶ୍ୟକତା ରହିଛି ଏହା ଉପରେ ସମୀକ୍ଷା ହୋଇଥିଲା। ଆବଶ୍ୟକ ପାଣି ଯୋଗାଇ ଦେବାପାଇଁ ମନ୍ତ୍ରୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ପୋଖରୀ ଓ ଅଧିକ ନଳକୂପ ଖନନ ପାଇଁ କହିଥିଲେ। ବିଭିନ୍ନ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତକରି ସମିତି ବୈଠକରେ ଅନୁମୋଦନକରି ଜିଲାପାଳଙ୍କ ନିକଟକୁ ପଠାଇବା ପାଇଁ କହିଥିଲେ। କେତେକ ପଞ୍ଚାୟତରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଟେଣ୍ଡର ହୋଇଥିବାବେଳେ ଠିକାଦାରମାନେ ଏହାକୁ ନ କରି ପକାଇ ରଖିଛନ୍ତି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କୁ ଅଷିଦ୍ଧ ଘୋଷଣା କରି ପୁନଃଟେଣ୍ଡର ପାଇଁ ମନ୍ତ୍ର ଦାସ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶିଶୁ ଆଇନ ଉପରେ ତାଲିମ

ସୋନପୁର,(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କିଶୋର ପୋଲିସ ଅଧିକାରୀଙ୍କ ଶିଶୁ ଆଇନ ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୋଲିସ ଅଧିକାରୀମାନଙ୍କୁ ଶିଶୁ କେନ୍ଦ୍ରିକ ଯତ୍ନ ଓ ସୁରକ୍ଷା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୋଲିସ ଅଧିକାରୀମାନେ ଲୋକଙ୍କୁ ଜନମଙ୍ଗଳ ସେବା ଯୋଗାଇ ଦେବା ନିମନ୍ତେ ଆନ୍ତରିକ ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ । ଶିଶୁ ସୁଲଭ ଥାନା ପ୍ରତିଷ୍ଠା ତଥା ଶିଶୁମାନଙ୍କ ଆଇନକୁ କଡା କଡି କରିବାକୁ କହିଥିଲେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ।

## ସଂକ୍ଷେପରେ

### ପ୍ରଧାନ ଶିକ୍ଷକ ଗିରଫ

#### ହଷ୍ଟେଲ ଛାତରୁ ପଡ଼ି ଛାତ୍ରୀଙ୍କ ମୃତ୍ୟୁ ଘଟଣା



ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରି ନେଉଛି ।

ସୁନ୍ଦରଗଡ଼,୨।୪ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ପଟୁଆଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ଛାତରୁ ତଳେ ପଡ଼ି ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ପୋଲିସ ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଟେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ମାଜିଷ୍ଟ୍ରେଟ ପ୍ରଧାନ ଶିକ୍ଷକଙ୍କ ଜାମିନ୍ ନାମଞ୍ଜୁର କରି ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ୧୦ମ ଶ୍ରେଣୀ ଛାତ୍ରୀ ଅପର୍ଣ୍ଣା ପାଣ୍ଡେ (୧୫) ହଷ୍ଟେଲ ଛାତ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ବିଦ୍ୟାଳୟ ତଥା ଛାତ୍ରାବାସରେ ପହଞ୍ଚି ତଦନ୍ତ କରିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକ ଏହି ଛାତ୍ରୀଙ୍କପ୍ରତି ବିଭିନ୍ନ ସମୟରେ ଅସଦାଚରଣ କରିଆସୁଥିଲେ। ଏସମ୍ପର୍କରେ ପରିବାର, ସହପାଠୀ ଅନ୍ତେବାସୀଙ୍କ ଅଭିଯୋଗ ପରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରିଥିବାବେଳେ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଶନିବାର ପୋଲିସ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ପଟେଲଙ୍କୁ ଗିରଫ କରି ତାଙ୍କ ବିରୋଧରେ ଲେଫ୍ରିପଡ଼ା ଥାନାରେ ଏକ ମାମଲା (ନଂ. ୫୬/୨୦୨୨) ରୁଜୁକରି କୋର୍ଟ ଚାଲାଣ କରିଛି। ଅପରପକ୍ଷେ ଏହି ଘଟଣା ପରେ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଅନେକ ଛାତ୍ରୀଛାତ୍ର ଭୟଭୀତ ହୋଇ ଘରକୁ ଚାଲିଯାଇଛନ୍ତି।

### ମେଗା ରକ୍ତଦାନ ଶିବିର: ୧୨୧ୟୁନିଟ ରକ୍ତ ସଂଗ୍ରହ




ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି ।

ତରଭା,୨।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ପରିସରରେ ଆମ ପୋଲିସ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅମରେଶ ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ତରଭା ଡ୍ରାଇଭର ସଂଘ, ମାରୱାଡି ଯୁବାମଞ୍ଚ, ମାହେଶ୍ୱରୀ ସଂଗଠନ, ସାଇ ଫାଉଣ୍ଡେସନ, ସାହାରା ଇଣ୍ଡିଆ, ପୋଲିସ କର୍ମଚାରୀ, ତରଭା ବ୍ଲକ ଓ ଏନଏସି ଅଞ୍ଚଳର ଅନେକ ସାମାଜିକ ଅନୁଷ୍ଠାନ ଏବଂ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ତରଭା ଥାନା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

### ୧୦ରୁ ଚାଲିବ ସମ୍ବଲପୁର-ପୁରୀ ଇଣ୍ଟରସିଟି

#### ରେଳମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ସମ୍ବଲପୁର,୨।୪(ବ୍ୟୁରୋ): ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀ କାର୍ଯ୍ୟାଳୟରେ ଶନିବାର ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ବିଧାୟକମାନେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରେଙ୍ଗାଲି ବିଧାୟକ ନାଉରି ନାୟକ ଉପସ୍ଥିତ ଥିଲେ। ସମ୍ବଲପୁର-ପୁରୀ ଇଣ୍ଟରସିଟି ଶୀଘ୍ର ଚାଲୁ କରିବା ପାଇଁ ସେମାନେ ଦାବି କରିଥିଲେ। ମନ୍ତ୍ରୀ ବୈଷ୍ଣବ ଏପ୍ରିଲ ୧୦ ତାରିଖ ପବିତ୍ର ରାମନବମୀ ତିଥିରେ ଏହି ଟ୍ରେନ୍ ଚାଲୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ।

# ନ୍ୟାୟିକ ବ୍ୟବସ୍ଥା ଲାଗୁ କରିବାରେ ଓଡ଼ିଶା ଦେଶରେ ପ୍ରଥମ

କଟକ ଅଫିସ,୨।୪




କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ ।

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ସଭାଗୃହରେ ଇ-ଫାଇଲିଂ ଭର୍ସନ ୩.୦, ଭଲନରେବୁଲ ୱିଟନେସ୍ ଡିପୋଜିଶନ୍ ସେଣ୍ଟର୍ସ ଆଣ୍ଡ୍ ଭର୍ଚୁଆଲ୍ କୋର୍ଟ ରୁମ୍‌ସ ଆଣ୍ଡ୍ ଓଡ଼ିଶା ଜୁଡିସିଆଲ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ସୁପ୍ରିମକୋର୍ଟ ବିଚାରପତି ଡି.ୱାଇ. ଚନ୍ଦ୍ରଚୁଡ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଇ-କମିଟି ଅଧ୍ୟକ୍ଷ ଜଷ୍ଟିସ ଆର୍.ସି. ଚଭନ, ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତଲ, ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ, ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ ପ୍ରମୁଖ ଯୋଗ ଦେଇଥିଲେ।

ଇ-ଫାଇଲିଂ ଭର୍ସନ ୩.୦ ହେଉଛି ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ସୁବୁଠୁ ଅଧିକ ଫଳପ୍ରଦ ବ୍ୟବସ୍ଥା । ଏହି ଭର୍ସନ ଲାଗୁ

## ଇ-ଫାଇଲିଂ ଭର୍ସନ ୩.୦ ଉଦ୍‌ଘାଟିତ

କରିବାରେ ଓଡ଼ିଶା ହାଇକୋର୍ଟ ଦେଶର ପ୍ରଥମ ବୋଲି ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଏହାଦ୍ୱାରା ସମସ୍ତ ଓକିଲ ଓ ମହକିଲମାନେ ଉପକୃତ ହେବେ। ଏହି ବ୍ୟବସ୍ଥା ରାଜ୍ୟର ସମସ୍ତ ଜିଲା ଜଜ୍ କୋର୍ଟ ଓ ତାଲୁକ୍ ସ୍ତରରେ ଉପଲବ୍ଧ ହେବ। ଦେଶର କେରଳ, ଓଡ଼ିଶା, ମହାରାଷ୍ଟ୍ରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ପ୍ରଥମେ ରାଜ୍ୟର ଭଦ୍ରକ ଓ ମାଲକାନଗିରିରେ ଏହି ବ୍ୟବସ୍ଥା ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏପରି ବ୍ୟବସ୍ଥା ଦ୍ୱାରା ବିଭିନ୍ନ ସ୍ଥାନରୁ ସାକ୍ଷ୍ୟଗ୍ରହଣ କରାଯାଇପାରିବ । ଏହି ଇ-ଫାଇଲିଂ ଭର୍ସନ ୩.୦ ବ୍ୟବସ୍ଥା ରାଜ୍ୟର ଅନୁଗୋଳ, ଭଦ୍ରକ, ବଲାଙ୍ଗୀର, କଟକ, ଜଗତ୍‌ସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡା, ଭୁବନେଶ୍ୱର, କୋରାପୁଟ, ନୟାଗଡ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, ସମ୍ବଲପୁର, ସୋନପୁରରେ ମଧ୍ୟ ଲାଗୁ କରାଯାଇଛି। ହାଇକୋର୍ଟ ବିଚାରପତି ବିଶ୍ୱଜିତ୍ ମହାନ୍ତି ସ୍ୱାଗତ ଭାଷଣ ଓ ବିଚାରପତି ବିଭୁପ୍ରସାଦ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ୩୦ ହଜାର ସଫଳ ମହିଳା ବନ୍ଧ୍ୟାକରଣ ପାଇଁ ପୁରସ୍କୃତ

ଭବାନୀପାଟଣା,୨।୪(ସ୍ୱ.ପ୍ର.)

## ପରିବାର ନିୟୋଜନ କ୍ଷେତ୍ରରେ ଡା.ସଦାନନ୍ଦ ପାଣିଗ୍ରାହୀଙ୍କ ସଫଳତା

ପରିବାର ନିୟୋଜନ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟକୁ ଛୁଇଁଛନ୍ତି ଡ଼ା. ସଦାନନ୍ଦ ପାଣିଗ୍ରାହୀ। ନିଜ ୨୬ ବର୍ଷର ଚାକିରି କାଳ ମଧ୍ୟରେ ୩୦ ହଜାର ସଫଳ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରି ଇତିହାସ ରଚିଛନ୍ତି। ଏହି ସଫଳତା ପାଇଁ ଭବାନୀପାଟଣା ଜିଲା ସଦର ମହକୁମାରେ ନିକଟରେ ଆୟୋଜିତ ଏକ ଉତ୍ସବରେ ସ୍ୱତନ୍ତ୍ର ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ । ଏହି ସମୟରେ ଅତିରିକ୍ତ ଜିଲାପାଳ ଶରତ ଶ୍ରୀଚନ୍ଦନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କସ୍ତୁରୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଡିପିଏମ ଅବନୀ ରଞ୍ଜନ ମହାପାତ୍ର, ଏମସିଏଚ ସଂଯୋଜକ ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ପାଣିଗ୍ରାହୀଙ୍କ ସଫଳତା ପାଇଁ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ସୂଚନାଯୋଗ୍ୟ, ସଦାନନ୍ଦ ବର୍ତ୍ତମାନ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି।

# ବିଘ୍ନରାଜ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ବଲାଙ୍ଗୀର ଅଫିସ/ପାଟଣାଗଡ, ୨।୪ (ଡି.ଏନ୍.ଏ.)

- ପରକୀୟା ପ୍ରୀତିରୁ ହତ୍ୟା, ସ୍ତ୍ରୀଙ୍କ ସହ ୨ ଗିରଫ
- ବିବାହ ସର୍ତ୍ତ ରଖିବା ପରେ ସ୍ୱାମୀଙ୍କୁ ମାରିବା ଯୋଜନା କରିଥିଲେ
- ଦୁର୍ବ୍ୟବହାର ମାମଲା ପ୍ରତ୍ୟାହାର ପାଇଁ ରାଜି ହେଉ ନଥିଲେ ବିଘ୍ନରାଜ

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଲରମ୍ବା ଥାନା ଅନ୍ତର୍ଗତ ତମିଆଁ ଗ୍ରାମର ବିଘ୍ନରାଜ ପୁଟେଲ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ । ପରକୀୟା ପ୍ରୀତିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିଛି । ଏହି ହତ୍ୟାକାଣ୍ଡ ଘଟଣାରେ ପୋଲିସ ମୃତ ବିଘ୍ନରାଜଙ୍କ ସ୍ତ୍ରୀ ଆରତୀ ପୁଟେଲ (୨୭) ଓ ଅନ୍ୟ ଜଣେ ଅଭିଯୁକ୍ତ କୈଳାସ ପୁଟେଲ (୨୩)କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଦୁର୍ବ୍ୟବହାର ମାମଲାରେ ଜେଲ ଯାଇଥିବା ବଡଭାଇ କୃଷ୍ଣ ପୁଟେଲକୁ ମୁକୁଳାଇବାକୁ ଯାଇ କେଳାସ ବିଘ୍ନରାଜଙ୍କ ସ୍ତ୍ରୀକୁ ଧରି ହତ୍ୟାକାଣ୍ଡ ଯୋଜନା କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଦୁଇମାସ ତଳେ ବିଘ୍ନରାଜ ପୁଟେଲଙ୍କ ସ୍ତ୍ରୀ ଆରତୀ ଲରମ୍ବା ଥାନାରେ ଗାଁର କୃଷ୍ଣ ପୁଟେଲ, କୈବଲ୍ୟ ପୁଟେଲ ଏବଂ ଅନ୍ୟ ୪ ଜଣଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ଭିତ୍ତିରେ ଏକ ମାମଲା ରୁଜୁ କରି ପୋଲିସ କୃଷ୍ଣ, କୈବଲ୍ୟ ଓ ଅନ୍ୟ ୪ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା । ଉକ୍ତ ଘଟଣା ପରେ ଗାଁର କୈଳାସ ନିଜ ଦୁଇ ଅଭିଯୁକ୍ତ ଭାଇଙ୍କୁ ମୁକୁଳାଇବାକୁ ଯାଇ ମାମଲା ପ୍ରତ୍ୟାହାର ପାଇଁ ବିଘ୍ନରାଜ ଓ ଆରତୀଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ଏଭଳି ଅନୁରୋଧକୁ ବିଘ୍ନରାଜ ମନା କରିଦେଇଥିଲେ। ହେଲେ ପରେ ଆରତୀ ମାମଲା ପ୍ରତ୍ୟାହାର ପାଇଁ ରାଜି ହୋଇଥିଲେ। ଏନେଇ ଆରତୀ ସର୍ତ୍ତ ରଖିଥିଲେ ଯେ, କୃଷ୍ଣ ଜେଲରୁ ବାହାରିଲେ ତାଙ୍କୁ ବିବାହ କରିବାକୁ ପଡିବ। ଏଭଳି ସର୍ତ୍ତରେ କୈଳାସ ରାଜି ହୋଇଯାଇଥିଲେ। ଏହାପରେ ଉଭୟ କୈଳାସ ଓ ଆରତୀ ବିଘ୍ନରାଜଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ୨୮ ତାରିଖ ଅପରାହ୍ନ ୧ଟା ୩୦ରେ ଆରତୀ ପୁଟେଲଙ୍କଠାରୁ ଖବର ପାଇ କୈଳାସ ଓ ଶୁକ୍ରୁ ପୁଟେଲ ବିଘ୍ନରାଜଙ୍କ ପୋଟଳ ବାଡିକୁ ଯାଇଥିଲେ। ସେଠାରେ ଶୋଇଥିବା ବିଘ୍ନରାଜଙ୍କ ମୁଣ୍ଡରେ ରଫାରେ ମାଡ ମାରିଥିଲେ। ଗୋଟିଏ ଜରି ବସ୍ତାରେ ତାର ମୁଣ୍ଡକୁ ପୁରାଇ ବେକକୁ ଜୋରରେ ଚିପି ଦେଇ ହତ୍ୟା କଲାପରେ ଅଡକ ନାଳାରେ ପୋତି ଫେରାର ହୋଇଯାଇଥିଲେ। ହତ୍ୟାରେ ବ୍ୟବହୃତ ରଫାକୁ ଏକ କୂଅ ଭିତରକୁ ଫିଙ୍ଗି ଦେଇଥିଲେ। ଆରତୀ କିଛି ନ ଜାଣିଲା ପରି ଅଭିନୟ କରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଅଡକ ନାଳାରୁ ୩୧ ତାରିଖ ଦିନ ବିଘ୍ନରାଜଙ୍କ ଗଳିତ ମୃତଦେହ ଉଦ୍ଧାର ପରେ ପୋଲିସ ତଦନ୍ତ କରି ଘଟଣାର ପର୍ଦ୍ଦାଫାଶ କରିଛି। ମୁଖ୍ୟ ଅଭିଯୁକ୍ତ କେଳାସ ପୁଟେଲ ଓ ଆରତୀ ପୁଟେଲଙ୍କୁ ଗିରଫ କରି ଶନିବାର ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର କରିବାରୁ ଉଭୟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



କୈଳାସ ପୁଟେଲ।

## ଉମ୍ବରୁଗାଡ଼ରେ ପ୍ରକୃତି ଶିବିର

ବାଉଁଶୁଣୀ,୩।୪(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଉମ୍ବରୁଗାଡ଼ଠାରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜହ୍ନାପଙ୍କ, ତେଲିବନ୍ଧ ଓ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟରୁ ୧୦ ଜଣ ଲେଖାଏ ଛାତ୍ରୀଛାତ୍ର ଯୋଗଦେଇ ଉମ୍ବରୁଗଡ଼ ପାହାଡ଼ରେ ଔଷଧୀୟ ବୃକ୍ଷର ଉପକାରିତା ସମ୍ପର୍କରେ ବୁଝିଥିଲେ। ଉମ୍ବରୁଗାଡ଼ସ୍ଥିତ ସିଦ୍ଧ ଗୁରୁ ମଠ ପ୍ରାଙ୍ଗଣରେ ଏକ ବୈଠକ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କ ସଭାପତିତ୍ୱରେ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ବନଖଣ୍ଡ ଅଧିକାରୀ ବୀରେନ୍ଦ୍ର କୁମାର ବେହେରା ଯୋଗଦେଇ ଜଙ୍ଗଲ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ପରିବେଶ ସୁରକ୍ଷା, ପଶୁପକ୍ଷୀମାନଙ୍କ ସୁରକ୍ଷା, ଔଷଧୀୟ ବୃକ୍ଷର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଶମ୍ଭୁ ଗିରି ଯୋଗଦେଇ ଛାତ୍ରୀଛାତ୍ରମାନେ ଜନ୍ମ ଦିନରେ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଇକୋ କ୍ଲବ ଜିଲା ସଂଯୋଜକ ଶିକ୍ଷକ ସରାଜ କହଁର, ସହକାରୀ ଶିକ୍ଷକ ଲିପିକା ମେହେର, ଶିବାନନ୍ଦ ପାଲ, ଉଗ୍ରେସନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସଫଳା ପ୍ରଧାନ, ଦ୍ୱିତୀୟ ତ୍ରିଲୋଚନ ବାରିକ, ଲୋପାମୁଦ୍ରା ସାହୁ, ତୃତୀୟ ଯଦୁମଣି ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ

ବଲାଙ୍ଗୀର ଅଫିସ, ୨।୪

ବଲାଙ୍ଗୀର ସ୍ଥିତ ସ୍ୱାମୀ ବିବେକାନନ୍ଦ ନିରତାର ସେଣ୍ଟର ତତ୍ତ୍ୱାବଧାନରେ ପରିଚାଳିତ ସିଆରସି-ଏସ୍‌ଆରଇ-ପୁର୍ନବାସ କେନ୍ଦ୍ରଠାରେ ସ୍ୱପରାୟଣ (ଅଟିଜମ) ସଚେତନତା ଦିବସ ପାଳିତ ହୋଇଛି। ସିଆରସି-ଏସ୍‌ଆରଇ ବଲାଙ୍ଗୀରର ନିର୍ଦ୍ଦେଶକ ସୂର୍ଯ୍ୟମଣି ପ୍ରସାଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁରୋଗ ବିଶେଷଜ୍ଞ ଡା. ସରୋଜ କୁମାର ତିହାଡି ଓ ଡା. ପୁଷ୍ପରଞ୍ଜନ ମିଶ୍ର ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ରେଡକ୍ରସ କର୍ମୀ ରାମନାରାୟଣ ଦାଶ, ଯୁବ ରେଡକ୍ରସ ସଂଯୋଜକ ଡ. ଦୈତାରୀ ପୂଜାରୀ ଉପସ୍ଥିତ ଥିଲେ। କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିଶେଷଜ୍ଞ ସୁରେନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଟିଜମର କାରଣ, ଲକ୍ଷଣ ଓ ପ୍ରତିକାର ସମ୍ବନ୍ଧରେ ଅତିଥିମାନେ ମତବ୍ୟକ୍ତ ରଖିଥିଲେ। ଅଭିଭାବକମାନଙ୍କୁ ଉଦ୍‌ବୋଧନ ସମୟରେ ଶିଶୁଠାରୁ ମୋବାଇଲ ଓ ଦୂରଦର୍ଶନଠାରୁ ଦୂରେଇ ରଖିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ସିଆରସି-ଏସ୍‌ଆରଇ କର୍ମଚାରୀ ସ୍ୱତନ୍ତ୍ର ଶିକ୍ଷାଦାତ୍ରୀ ଡା. ମୀନତିରାଣୀ ମହାପାତ୍ର, ବାବୁଲା ସୁନା, ଆର୍ତ୍ତତ୍ରାଣ ପଟେଲ, ଗୀତାଞ୍ଜଳି ନାଏକ, ସୌମ୍ୟରଞ୍ଜନ ମିଶ୍ର, ଠାକୁର ଜଗଦୀଶ ସିଂ, ସଙ୍ଗୀତା ରାଉତ, ରିଙ୍କୁ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବିଶ୍ୱ ସ୍ୱପରାୟଣତା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ।

# ୧୪ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ




ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ବୌଦ୍ଧ,୨।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ଅଙ୍ଗନୱାଡି ସଂଘ ପକ୍ଷରୁ ୧୪ ଦଫା ଦାବି ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଙ୍ଗନୱାଡି କର୍ମୀମାନେ ସହରର ରଘୁନାଥ ମନ୍ଦିରଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ସହ ଚାକିରି ସର୍ତ୍ତାବଳୀ ଲାଗୁ, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ସେ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୨୧ ହଜାର ଓ ପାଚିକାମାନଙ୍କୁ ୧୫ ହଜାର ଟଙ୍କା ପ୍ରଦାନ , ଅବସରକାଳୀନ ସହାୟତା ୫ ଲକ୍ଷ, ମାସିକ ୫ ହଜାର ଟଙ୍କା ପେନସନ ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା, ଆନ୍ଦୋଳନ ସମୟରେ ବହିଷ୍କୃତ ୭ ଜଣଙ୍କୁ ପୁନଃ ନିଯୁକ୍ତି, ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ସହ ପରିବାରର ଜଣକୁ ଚାକିରି ପ୍ରଦାନ ଆଦି ଦାବି ରହିଛି । ଏହି ଅବସରରେ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ସଂଘର ସଭାପତି ଉର୍ମିଳା ମହାପାତ୍ର ଓ ସଂପାଦକ ସତ୍ୟବତୀ ସାହୁଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭରେ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ ।




**"ଗୋଟିଏ ଷ୍ଟେସନ, ଗୋଟିଏ ଉତ୍ପାଦ"**

"ଗୋଟିଏ ଷ୍ଟେସନ, ଗୋଟିଏ ଉତ୍ପାଦ" ଯୋଜନା ଅଧିନିୟମରେ ସମ୍ବଲପୁର ରେଳ ଷ୍ଟେସନ ଠାରେ "ସମ୍ବଲପୁରୀ ଶାଢୀ ଏବଂ ଗାର୍ମେଣ୍ଟ୍‌ସ"ର ପ୍ରଦର୍ଶନୀ / ବିକ୍ରି ପାଇଁ ଅସ୍ଥାୟୀ ଷ୍ଟଲ / କିଓସ୍କ ସ୍ଥାପନା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

- ଏହି ପ୍ରଦର୍ଶନୀ 15 ଦିନ ଲେଖାଏଁ ଦୁଇଟି ପର୍ଯ୍ୟାୟରେ ଏକ ମାସ ପାଇଁ ହେବ ।
- ବିସ୍ତୃତ ଅଂଶଗ୍ରହଣ ନିମିତ୍ତ ଏହା ଦୁଇ ପର୍ଯ୍ୟାୟ ପାଇଁ ଦୁଇ ଭିନ୍ନ ଭିନ୍ନ ଆବେଦନକାରୀଙ୍କୁ 15 ଦିନ ଲେଖାଏଁ ଅନୁମତି ଦିଆଯିବ । ସମାନ ଆବେଦନକାରୀ 15 ଦିନ ଠାରୁ ଅଧିକ ଦିନ ପାଇଁ ପ୍ରଦର୍ଶନ କରିପାରିବେ ନାହିଁ ।
- ଟୋକେନ୍ ଫି. ବାବଦ ଟ. 500/- ଦେୟ ପ୍ରଦାନ କରିବାକୁ ପଡ଼ିବ ।
- ଶିଳ୍ପୀ, କୁମ୍ଭକାର, କାରିଗର (ପୁରୁଷ), କାରିଗର (ମହିଳା), ବୁଣାକାର ଆଦି ସ୍ଥାନିୟ ସ୍ୱୟଂ ସହାୟକ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, କୋଅପରେଟିଭ୍ ଆଦି ଯେଉଁମାନେ ଉପରୋକ୍ତ କାର୍ଯ୍ୟରେ ସାମିଲ ଥିବେ ସେମାନେ ଅଂଶଗ୍ରହଣ କରିପାରିବେ ।
- ଯଦି ବହୁଳ ସଂଖ୍ୟାରେ ଆବେଦନ ଆସେ ତେବେ ସର୍ବସାଧାରଣରେ ଲଟେରି କରାଯିବ ।
- ଆବେଦକଙ୍କୁ ଷ୍ଟେସନ ମ୍ୟାନେଜରଙ୍କ ନିକଟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ ହେବ କି ଏପରି କୌଣସି କାର୍ଯ୍ୟକଳାପ କରାଯିବନି, ଯେଉଁଥିରେ ଟ୍ରେନ୍ ଚଳାଚଳ, ଯାତ୍ରୀ ମାନଙ୍କର ସୁରକ୍ଷା ଓ ରେଳ ବିଭାଗର ସମ୍ମାନ ପ୍ରତି କୌଣସି କୁପ୍ରଭାବ ପଡ଼ିବ ।
- ଏହି ଯୋଜନା ପାଇଁ ଆବଶ୍ୟକୀୟ ଅସ୍ଥାୟୀ ଷ୍ଟଲ ଷ୍ଟ୍ରକଚର୍ସ / କିଓସ୍କ ରେଳବିଭାଗ ଦ୍ୱାରା ପ୍ରସ୍ତୁତ ହେବ ଏବଂ ପର୍ଯ୍ୟାପ୍ତ ପରିମାଣରେ ଜଳ ଏବଂ ବିଦ୍ୟୁତ୍ ସଂଯୋଗ ସୁବିଧା ମାଗଣାରେ ଯୋଗାଇ ଦିଆଯାଇପାରେ ।

ଆବେଦନକାରୀଙ୍କ ଯୋଗ୍ୟତା :
କ) ହସ୍ତଶିଳ୍ପ ଉନ୍ନୟନ କମିଶନର, ହସ୍ତତନ୍ତ ଉନ୍ନୟନ କମିଶନର୍ କିମ୍ବା ରାଜ୍ୟ / କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଶିଳ୍ପୀ / ବୁଣାକାର ପରିଚୟ ପତ୍ର ଧାରକ ହୋଇଥିବେ ।
ଖ) ଆଦିବାସୀ କାରିଗର/ବୁଣାକାର,ହସ୍ତଶିଳ୍ପୀମାନେ TRIFED ସହିତ ନାମ ଲେଖାଇଥିବେ/ପଞ୍ଜୀକୃତ ହୋଇଥିବେ ।
ଗ) ପଞ୍ଜିକୃତ ସ୍ୱୟଂ ସହାୟକ ଗୋଷ୍ଠୀ ।
ଘ) ଅତିକ୍ଷୁଦ୍ର (ମାଇକ୍ରୋ ଏଣ୍ଟରପ୍ରାଇଜେସ୍) ଏମ୍.ଏସ୍.ଏମ୍.ଇ. ଅଧୀନରେ ପଞ୍ଜିକୃତ ହୋଇଥିବେ ।

- ଇଚ୍ଛୁକ ଆବେଦନକାରୀ ନିଜର ଆବେଦନ ପତ୍ରକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ପୂର୍ବ ତଟ ରେଳପଥ, ସମ୍ବଲପୁର, ୨ୟ ମହଲା, ଡିଆରଏମ୍ ଅଫିସ୍ କମ୍ପ୍ଲେକ୍ସ, କ୍ଷେତରାଜପୁର, ସମ୍ବଲପୁର-768002, ଓଡ଼ିଶାଙ୍କ ନିକଟରେ ଦାଖଲ କରିପାରନ୍ତି ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁରଙ୍କ ଠିକଣାରେ ପ୍ରଦାନ କରାଯିବା ଉଚିତ । ଆବେଦନ ଦାଖଲର ଶେଷ ତାରିଖ ହେଉଛି 06.04.2022, 1600 ଘଟିକା ପର୍ଯ୍ୟନ୍ତ ଏବଂ ଏହା ତା'ପରେ ଖୋଲାଯିବ । ଅଧିକ ତଥ୍ୟ ପାଇଁ ଶ୍ରୀ ଆଲୋକ ରଂଜନ ପଣ୍ଡା, CCI / ସମ୍ବଲପୁର (8455886974)ଙ୍କୁ ଯୋଗାଯୋଗ କରନ୍ତୁ ।

PR-06/N/22-23
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
ପୂର୍ବ ତଟ ରେଳପଥ

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Odisha Coal and Power Limited OCPL
**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur
Bhubaneswar – 751023, Odisha
Ph No: 0674-2300654 / 0674-2300664

**NOTICE FOR COAL SALE THROUGH E-AUCTION**

Ref : EA/1/22 Dt. 03/04/2022

Odisha Coal and Power Ltd(OCPL) a State PSU of Odisha is operating Manoharpur Coal Mine in Hemgir Block of Sundargarh District in Odisha. OCPL intends to place its surplus coal for commercial sale, in accordance with amended Mineral Concession Rule and MMDR Act. Declared grade of the Mine is G-14. Approx. 3Lakh (Three Lakh) tons of Coal will be sold through E-auction via MSTC auction portal,on 12 April 2022:

(https://www.mstcecommerce.com/auctionhome/ocpl/index.jsp)

Interested Agencies/ Industries are invited to register themselves on MSTCwebsite as a buyer on or before 08 April 2022. For any assistance the following officials of MSTC may be contacted :

Mr. Mahesh Ramavath, Dy. Manager & Mr.TDMV Satya Sai, Branch Manager

Mail id : rmahesh@mstcindia.co.in, tsatyasai@mstcindia.co.in

Mobile no. : +91-8801281004, 0674-2544199/2950091

Sd./- General Manager (C & CA)

## ଡିଗ୍ରୀ କଲେଜ ନୂତନ କୋଠା ପାଇଁ ଶିଳାନ୍ୟାସ



ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ନୂତନ କୋଠା ନିର୍ମାଣ ପାଇଁ ଶନିବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ବିଶ୍ୱ ବ୍ୟାଙ୍କ ଦ୍ୱାରା ମଞ୍ଜୁର ୩ କୋଟି ୧୨ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନ। ଏହି ପ୍ରକଳ୍ପ ଏକ ବର୍ଷ ମଧ୍ୟରେ ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, ଅଧାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ମହେଶ କୁମାର ମେହେର, ମଳୟ ରଞ୍ଜନ ରଣା, ମଣ୍ଟୁ ରଞ୍ଜନ ସା, କଲେଜ ଆଇଡିପିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୦ ବର୍ଗରେ ୩୦୦ ପ୍ରତିଯୋଗୀ

### ଯୁଧିଷ୍ଠିର ମିଶ୍ର ସ୍ମାରକୀ ମିଷ୍ଟର ଓଡିଶା ୨୦୨୨ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ବଲାଙ୍ଗୀର ଅଫିସ,୨।୪

ଜିଲା ଏମେଚର ବଡି ବିଲ୍ଡର୍ସ ଆସୋସିଏଶନ ତରଫରୁ ଆୟୋଜିତ ଯୁଧିଷ୍ଠିର ମିଶ୍ର ସ୍ମାରକୀ ୧୯ ତମ ମିଷ୍ଟର ଓଡିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ସଂଘ ଅଧକ୍ଷ ତଥା ବରିଷ୍ଠ ଓକିଲ ଅମରେନ୍ଦ୍ର ମିଶ୍ର, ଜିଲା ସମ୍ପାଦକ ସଞ୍ଜୟ ଶତପଥି, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଢ଼େଇ, ଉପସଭାପତି ସୌମେନ୍ଦ୍ର କୁମାର ପରିଚ୍ଛା, ଓଡିଶା ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, କୋଷାଧ୍ୟକ୍ଷ ରୂପକ କୁମାର ବରାଳ ମଞ୍ଚାସୀନ ହୋଇଥିଲେ। ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୧୦ ବର୍ଗରେ ପ୍ରାୟ ୩୦୦ ପ୍ରତିଯୋଗୀ ଭାଗ ନେଉଥିବା ଜଣାଯାଇଛି। ଉଭୟ ପୁରୁଷ ଓ ମହିଳା ବର୍ଗରେ ସ୍ୱତନ୍ତ୍ର ଭାବେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପ୍ରଥମ ଦିନ ସମସ୍ତ ଓଜନ ବର୍ଗରୁ ଦଶ ଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀ ବଛା ଯିବା ପରେ ଦ୍ୱିତୀୟ ଦିନ ପ୍ରତ୍ୟେକ ବର୍ଗର ବିଜେତା ତଥା ଉପ ବିଜେତା ଚୟନ କରାଯିବ। ବଲାଙ୍ଗୀର ଜିଲାରୁ ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଉଛନ୍ତି। ସାରା ରାଜ୍ୟର ୩୦ଟି ଜିଲାରୁ ପ୍ରାୟ ୩୦୦ ପ୍ରତିଯୋଗୀ ଭାଗ ନେଇଥିବା ସୂଚନା ଦିଆଯାଇଛି। ଭାରତୀୟ ବଡି ବିଲ୍ଡିଂ ମହାସଂଘ ସମେତ ରାଜ୍ୟ ବଡି ବିଲ୍ଡିଂ ସଂଘ ଦ୍ୱାରା ଏହା ଏକ ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିମାନେ ରାଜ୍ୟ ତଥା ଜାତୀୟ ସ୍ତରର ପ୍ରତିଯୋଗୀତାରେ ଭାଗ ନେବାର ସୁଯୋଗ ପାଇବେ କୁହାଯାଇଛି। ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ଜିତେନ୍ଦ୍ର ନାଗ, ସନ୍ତକ ବହିଦାର ସକ୍ରିୟ ସହଯୋଗ କରିଛନ୍ତି।



ଯୁଧିଷ୍ଠିର ମିଶ୍ର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକର୍ତ୍ତା।

## ସଂକ୍ଷେପରେ

### ସୂଚନା ଫଳକରେ ତ୍ରୁଟି, ସୃଷ୍ଟି କରୁଛି ଦ୍ୱନ୍ଦ୍ୱ

ଲୋଇସିଂହା,୨।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଛକରେ ଲଗିଥିବା ସୂଚନା ଫଳକ ପଥାଚାରୀଙ୍କୁ ଭ୍ରମରେ ପକାଉଛି। ବୁର୍ଡା-ଅର୍ଜୁନପୁର ବଦଳରେ ଅର୍ଜୁନପୁର-ବୁର୍ଡା ରାସ୍ତା ଫଳକରେ ଉଲ୍ଲେଖ ରହିଛି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଉପରେ ବୁର୍ଡା ଛକ ଅବସ୍ଥିତ। ବଲାଙ୍ଗୀରରୁ ବୁର୍ଡାଛକ ପ୍ରାୟ ୨୧ କିମି। ବୁର୍ଡା ଛକରୁ ଅର୍ଜୁନପୁର ଭାୟା ସୋନପୁର ଦେଇ ରାଜଧାନୀ ଭୁବନେଶ୍ୱରକୁ ଏକ ରାସ୍ତା ସଂଯୋଗୀକରଣ ରହିଛି। ବୁର୍ଡା ଛକରୁ ଅର୍ଜୁନପୁର ରାସ୍ତା ସୋନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥକୁ ଛୁଇଁଛି। ତେବେ ବୁର୍ଡାଛକରୁ ଭାୟା ଅର୍ଜୁନପୁର ଦେଇ ସୋନପୁରକୁ ପ୍ରାୟ ୫୫ କିମି। ବୁର୍ଡା ଛକରୁ ବଲାଙ୍ଗୀର ଦେଇ ଯାତ୍ରୀଙ୍କୁ ଯିବାକୁ ହେଲେ ଅଧିକ ୨୦କିମି ଯିବାକୁ ପଡିବ। ହେଲେ ବୁର୍ଡା ଛକରେ ଲଗାଇଯାଇଥିବା ସୂଚନା ଫଳକରେ ଭୁଲ ସୂଚନା ଦିଆଯାଇଛି। ବାହାର ଅଞ୍ଚଳର ଯାତ୍ରୀ ଫଳକକୁ ଦେଖି ଭ୍ରମରେ ପଡିଯାଉଛନ୍ତି। ସୂଚନା ଫଳକ ବଦଳାଇବାକୁ ଦାବି ହେଉଛି।

### ଦାୟିତ୍ୱ ନେଲେ ପୌରାଧକ୍ଷା



ଟିଟିଲାଗଡ଼,୨।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ପୌରପାଳିକାର ନବ ନିର୍ବାଚିତ ପୌରାଧକ୍ଷା ମମତା ଦେବୀ ଜୈନ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଭାଜପା ପକ୍ଷରୁ ସ୍ଥାନୀୟ ଗୋବିନ୍ଦ ବାଟିକାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦଳର ଜିଲା ପର୍ଯ୍ୟବେକ୍ଷକ ଶ୍ରୀବତ୍ସ ବେହେରା ଏହି ଅବସରରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ଭାଜପା ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ଆଲୋକ ନାୟକ, ପାଞ୍ଚ ନବ ନବ ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ ପିଇଓଙ୍କ ପରଲୋକ

ଦେଓଗାଁ,୨।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)



ବୈଜେନ୍ଦ୍ର ମାଝିଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ମାଝି ରୁକ୍ଷୁଡାସ୍ଥିତ ନିଜ ବାସଭବନରେ ରାତିରେ ଶୋଇଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁଷୁରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ଗାଁ ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଭାରପ୍ରାପ୍ତ ବିଡିଓ ରାମଦତ୍ତ ଭୋଇଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ଆଦର୍ଶ ଶିକ୍ଷକ ରକ୍ଷା ନାଏକଙ୍କ ପରଲୋକ

ବଲାଙ୍ଗୀର ଅଫିସ,୨।୪: ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ କୁରୁଲ ଗ୍ରାମ ନିବାସୀ ଆଦର୍ଶ ଶିକ୍ଷକ ରକ୍ଷା ନାଏକ (୮୨)ଙ୍କ ଶନିବାର



ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁ ସମୟରେ ଧର୍ମପତ୍ନୀ ଗୁଆବତୀ ନାଏକ, ପୁତ୍ର ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର, ଶ୍ୱେତାମ୍ବର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମାଙ୍କଡଚୁଆଁ, ପୁଡାପାଲି, କୁରୁଲ ଓ ଭରତବାହାଲ ପ୍ରାଥମିକ ବିଦ୍ୟାଳୟରେ ସ୍ୱର୍ଗତ ନାଏକ ପ୍ରଧାନଶିକ୍ଷକ ଭାବେ ଶିକ୍ଷାଦାନ କରିଥିଲେ। ଶ୍ରୀ ରାମଜୀ ସାଂସ୍କୃତିକ ସଂଘ, କୁରୁଲ ତରଫରୁ ମଞ୍ଚସ୍ଥ ଏକାଧିକ ନାଟକରେ ସ୍ୱର୍ଗତ ନାଏକ ଅଭିନୟ କରିଥିଲେ। ବହୁ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗୀର ଲୋକ ଉତ୍ସବରେ ଲୀଳା ନାଟ୍ୟମଞ୍ଚର ବିଭୋର କଳାକାର ଭାବେ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ସଂସ୍କାର କୁରୁଲ ଗ୍ରାମ ଶ୍ମଶାନ ଘାଟରେ ସମାହିତ ହୋଇଥିଲା। ପୁତ୍ର ଶ୍ୱେତାମ୍ବର ମୁଖାଗ୍ନି ଦେଇଥିଲେ।

## ରଙ୍ଗୋଲି, ଚିତ୍ରାଙ୍କନରେ ଜିଲା ପ୍ରତିଷ୍ଠା ଦିବସ ପାଳନ

ବରଗଡ଼ ଅଫିସ୍,୨।୪

ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ଜିଲାର ବିଭିନ୍ନ ଅନୁଷ୍ଠାନ ଗୁଡ଼ିକୁ ନେଇ ଗଠିତ ମୋର ବରଗଡ଼ ପକ୍ଷରୁ ସ୍ଥାନୀୟ କଚେରୀ ପରିସରରେ ରଙ୍ଗୋଲି ଏବଂ ବୃକ୍ଷ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜିଲାର କଳା, ସଂସ୍କୃତି, ଐତିହ୍ୟ, କୃଷି ଆଦି ସମ୍ପର୍କିତ ରଙ୍ଗୋଲି ସ୍ଥାନୀତ ହୋଇଥିଲା। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଉମେଶ ଚନ୍ଦ୍ର ବିଶ୍ୱାଳ, ସଂଯୋଜକ ତଥା ଚିତ୍ରଶିଳ୍ପୀ କୁଶ ଭୂୟାଁ, ଖବରଦାତା ସୁରେନ୍ଦ୍ର ହୋତା, ମାରୱାଡ଼ି ଯୁବାମଞ୍ଚ ଜାଗୃତି ଶାଖାର ନିଶା ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ତରବୋଡ, କୁରୁମପୁରିରେ ଏଟିଏମ୍ ସ୍ଥାପନ ଦାବି

ନୂଆପଡ଼ା ଅଫିସ୍,୨।୪

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଓ କୁରୁମପୁରି ବସଷ୍ଟାଣ୍ଡଠାରେ ଏଟିଏମ୍ ସ୍ଥାପନ ପାଇଁ ଦାବି ହୋଇଛି। ବ୍ୟାଙ୍କଗୁଡ଼ିକରେ ଭିଡ ଲାଗି ରହୁଥିବାରୁ ଖର୍ଚ୍ଚାନ୍ତ ହୋଇ ଦୂରସ୍ଥାନକୁ ଯିବାକୁ ପଡୁଛି। ତରବୋଡ ଓ କୁରୁମପୁରି ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତ ରହିଛି। ହାରାହାରି ୩୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଏଟିଏମ୍ ନ ଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତରବୋଡ ଓ କୁରୁରମପୁରିଠାରେ କେବଳ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ରହିଛି। ସବୁ କାର୍ଯ୍ୟ ଲାଗି ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଥିବାରୁ ବ୍ୟାଙ୍କଗୁଡିକ ସବୁବେଳେ ଭିଡ ପରିଲକ୍ଷିତ ହେଉଛି। ଲୋକଙ୍କ ଲମ୍ବା ଧାଡି ଲାଗି ରହୁଛି। ଗ୍ରାହକ ସେବା କେନ୍ଦ୍ର ରହିଛି। ସେହି କେନ୍ଦ୍ରଗୁଡ଼ିକରେ ମଧ୍ୟ ସମାନ ପରିସ୍ଥିତି। ଉଦ୍ୟାନବନ୍ଦ କୁରୁମପୁରି ଠାରୁ ୨୦ କିମି, ତରବୋଡ ଠାରୁ ୧୦ କିମି ରହିଥିବା ବେଳେ ତରବୋଡ ଠାରୁ ନୂଆପଡା ୨୨ କିମି ଓ କୁରୁମପୁରି ଠାରୁ ୧୨ କିମି ଦୂର ଏଟିଏମକୁ ଟଙ୍କା ଉଠାଣ ପାଇଁ ଯିବାକୁ ପଡୁଛି। ତରବୋଡ ଓ କୁରୁମପୁରିଠାରେ ଏଟିଏମ୍ ସ୍ଥାପନ ପାଇଁ ଦୀର୍ଘ ଦିନରୁ ବଲାଙ୍ଗିର ଆଞ୍ଚଳିକ ପ୍ରବନ୍ଧକ ପାଖକୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳିନାହିଁ। ଅଞ୍ଚଳ ଲୋକଙ୍କ ଅସୁବିଧା ଓ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ୨ଟି ସ୍ଥାନରେ ଯଥାଶିଘ୍ର ଏଟିଏମ ସ୍ଥାପନ କରିବା ପାଇଁ ସରନ୍ଦ୍ରୁ ନିଆଲ, ପରଦେଶି ମେହେର,ଗଦାଧର ଗହିର, ଲୋଚନ ମହାରଥା, ଅର୍ଜୁନ ଜଗତ, ବଂଟୁ ବଘେଲ,ଯୋଗେନ୍ଦ୍ର ନାୟକ, ଚିନ୍ତାମଣି ଅହିର, ଯାଦୁ ହଂସ, ଦୁଃଖଭଞ୍ଜନ ନାୟକ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।



ବଲାଙ୍ଗୀର ସିନ୍ଧି ସମାଜ ପକ୍ଷରୁ ଶନିବାର ଝୁଲେଲାଲ୍ ଉତ୍ସବ ଅବସରରେ ବାଇକ୍ ରାଲି ସହର ପରିକ୍ରମା କରୁଛି।(ଫଟୋ–ସୁନୀଲ)

## ବଡବାହାଲ ପଞ୍ଚାୟତ ନାଏବ ସରପଞ୍ଚ ନିର୍ବାଚନ ବାତିଲ

ଦେଓଗାଁ, ୨।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତରେ ଶନିବାର ନାଏବ ସରପଞ୍ଚ ସାନି ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଆବଶ୍ୟକ ୱାର୍ଡ ସଭ୍ୟାସଭ୍ୟ ଭୋଟ କେନ୍ଦ୍ରରେ ନ ପହଞ୍ଚି ନ ଥିଲେ। ଏଥିଯୋଗୁ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ରଥ କୋରମ ଅଭାବ ଦର୍ଶାଇ ପୁଣି ଥରେ ଏହି ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରିଥିଲେ। ଉପ ଜିଲାପାଳଙ୍କୁ ଏ ବିଷୟରେ ରିପୋର୍ଟ ଦେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ ସୂଚନା ଦେଇଛନ୍ତି। ସେପରି ସଦର ବ୍ଲକ ସାହାଜବାହାଲ ପଞ୍ଚାୟତରେ ନିରୁପମା ମହାନନ୍ଦ ଗୋଟିଏ ଭୋଟରେ ନାଏବ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ପ୍ରକାଶ ଯେ, ଉପରୋକ୍ତ ପଞ୍ଚାୟତ ମାନଙ୍କରେ ନାଏବ ସରପଞ୍ଚ ନିର୍ବାଚନ ସମୟରେ ଅପ୍ରୀତିକର ପରିସ୍ଥିତି ତଥା ୱାର୍ଡ ସଭ୍ୟାସଭ୍ୟ ଅପହରଣ ଅଭିଯୋଗ ଉଠିବାରୁ ନିର୍ବାଚନକୁ ବାତିଲ କରାଯାଇଥିଲା।

## ଡୁମାଲ ସମାଜର ବାର୍ଷିକ ବୈଠକ

ଅମରପାଲି,୨।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ କେନ୍ଦ୍ରରେ ଡୁମାଲ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଞ୍ଚଳର ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ଡୁମାଲ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ଡୁମାଲ ଜାତିର ବିକାଶ ଓ ଏକତା ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରାଯାଇଥିଲା। ପିତାମହୁଲ କେନ୍ଦ୍ର ପାଇଁ ଡୁମାଲ ସମାଜ ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଶରତ ଗାଇଗରିଆ ସଭାପତି, ଋଷଭ ପଧାନ ଉପସଭାପତି, ପରମା ମେଣ୍ଡୁଲ ସମ୍ପାଦକ,ଅଶ୍ୱିନୀ ପାତ୍ର ସହସମ୍ପାଦକ, ଡିଙ୍ଗିର ମହାକୁର କାର୍ଯ୍ୟକାରୀ ସମ୍ପାଦକ ଓ କଷ୍ଟ କର୍ମୀଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଅଶ୍ୱିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୁ ନବବର୍ଷ ଅବସରରେ ବାଇକ୍ ରାଲି



ହିନ୍ଦୁ ନବବର୍ଷ ଅବସରରେ ବଲାଙ୍ଗୀରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାଇକ ରାଲି କରାଯାଉଛି।

ବଲାଙ୍ଗୀର ଅଫିସ, ୨।୪

ଚୈତ୍ରଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଅବସରରେ ଶନିବାର ବଲାଙ୍ଗୀର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଭଗବତୀ ନଗରସ୍ଥିତ ଭଗବତୀ ମନ୍ଦିରରୁ ଏକ ବାଇକ୍ ରାଲି ବାହାରି ସହର ପରିକ୍ରମା କରିଥିଲା। ପ୍ରଥମେ ପରିଷଦ ସଦସ୍ୟମାନେ କଦମପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପହଞ୍ଚିଥିଲେ। ସେଠାରୁ ଭଗବତୀ ମନ୍ଦିରକୁ ଆସିବା ପରେ ସେଠାରୁ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ହିନ୍ଦୁ ସଂସ୍କୃତି ସହନଶୀଳତା ଶିକ୍ଷା ଦିଏ। ଭାରତୀୟ ସଂସ୍କୃତି ହିନ୍ଦୁ ସଂସ୍କୃତି ଏବଂ ହିନ୍ଦୁ ନବବର୍ଷ ପାଳନର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ପରସ୍ପର ପ୍ରତି ପ୍ରେମ, ବିଶ୍ୱଶାନ୍ତି ଏବଂ ବିଶ୍ୱ ଭାତୃତ୍ୱର ମନ୍ତ୍ରୀ ଦେଇ ଆସିଥିବା ହିନ୍ଦୁ ସଂସ୍କୃତିର ପ୍ରଚାର ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ପରିଷଦର ଗୋବିନ୍ଦ ମିଶ୍ର, ଅନ୍ତର୍ଯ୍ୟାମୀ କରନ, ସରସ୍ୱତୀ ନନ୍ଦ, ସୌମ୍ୟରଞ୍ଜନ ମିଶ୍ର ବାଇକ୍ ରାଲିରେ ସହର ପରିକ୍ରମା କରିଥିଲେ।

## ହିନ୍ଦୁ ନବବର୍ଷ ପାଳନ

ଋପ୍ରା ରୋଡ଼,୨।୪(ଡି.ଏନ.ଏ.)

ଅଖିଳ ଭାରତୀୟ ସଂଗଠନର କଳାହାଣ୍ଡି ଜିଲା ଶାଖାରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ନର୍ଲା ଶିବ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ସହ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ ଅଧକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଓ ରାଜ୍ୟ ଲୋକକଳା ସଂଯୋଜକ ହରେକୃଷ୍ଣ ଭୋଇଙ୍କ ନେତୃତ୍ୱରେ ଘୁମୁରା, ସଂକୀର୍ତ୍ତନ ବାଦ୍ୟ ସହ ନର୍ଲା ଅଞ୍ଚଳର କଳାକାର ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ, ସୀତା, ହନୁମାନ ଓ ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। କଳାହାଣ୍ଡି ଜିଲା ସଂସ୍କାର ଭାରତୀ ସଂପାଦକ ପ୍ରମୋଦ ପରିଡ଼ା, ଜିଲା ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପାତ୍ର, ମୋହନ କୁମାର ଭଞ୍ଜ ପ୍ରମୁଖ ଯୋଗଦାନ କରିଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ହିନ୍ଦୁ ନବବର୍ଷ



ହିନ୍ଦୁ ନବବର୍ଷରେ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ବାହାର କରିଥିବା ରାଲି।

ଟିଟିଲାଗଡ,୨।୪(ଡି.ଏନ.ଏ.)

ଟିଟିଲାଗଡ ସରସତୀ ବିଦ୍ୟା ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ପାଳିତ ହୋଇଯାଇଛି। ପରିଚାଳନା ସମିତିର ସମସ୍ତ ସଦସ୍ୟା, ସଦସ୍ୟ ଓ ଛାତ୍ରୀଛାତ୍ର ସର୍ଗିଗୁଡାଠାରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଏହି ନଗର ପରିକ୍ରମା ସ୍ଥାନୀୟ ଲୋକଙ୍କ ମଧ୍ୟରେ ହିନ୍ଦୁ ନବବର୍ଷ ବିଷୟରେ ସଚେତନତା ସୃଷ୍ଟି କରିଥିଲା।

## ନବନିର୍ବାଚିତ ଅଧକ୍ଷା, କାଉସିଲରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡ଼ା ଅଫିସ୍, ୨।୪



ମଞ୍ଚାସୀନ ଅତିଥି, ନବନିର୍ବାଚିତ ପ୍ରାର୍ଥୀନୀପ୍ରାର୍ଥୀ।

ନୂଆପଡ଼ା ଜିଲା ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନବନିର୍ବାଚିତ ଅଧକ୍ଷା ସୋନିଆ ଜୈନ ଓ ୧୯ଜଣ କାଉନସିଲରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ଖରିଆରରୋଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାଗତ ସମାରୋହରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଓ ଅନ୍ୟତମ ଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଯୋଗଦାନ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ବରିଷ୍ଠ ଭାଜପା ନେତା ଯଦୁମଣି ପାଣିଗ୍ରାହୀ, ଚର୍ତ୍ତୁଭୂଜ ଶର୍ମା, ଗୋଲଡି ଅଗ୍ରୱାଲ, ଅଭିନନ୍ଦନ ପଣ୍ଡା, ସୁରେଶ ଅଗ୍ରୱାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନିତନ ଜୈନ ମଞ୍ଚ ପରିଚାଳନା କରିଥିଲେ। ନବନିର୍ବାଚିତ ପ୍ରାର୍ଥିନୀ,ପ୍ରାର୍ଥୀମାନଙ୍କୁ ଅତିଥି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଫୁଲତୋଡା ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା।

## ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ ଗଠିତ

ଜୁନାଗଡ,୨।୪(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କର୍ଲାକୋର୍ଟ ଆମ୍ବ ବଗିଚା ଠାରେ ଶୁକ୍ରବାର ଜୁନାଗଡ ବ୍ଲକ ସରପଞ୍ଚ ସଂଘ ଗଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ତାରା ଶଙ୍କର ରାୟଗୁରୁ,ଉପସଭାପତି ସ୍ମିତା ପ୍ରଧାନୀ,ସମ୍ପାଦକ ମଳୟ ରଞ୍ଜନ ଆଚାର୍ଯ୍ୟ, ସହସମ୍ପାଦକ ଅର୍ଚ୍ଚନା ମେହେର ଓ କୋଷାଧକ୍ଷ ଭାବେ ବିକାଶ ପଣ୍ଡା ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ଶ୍ରଦ୍ଧାଞ୍ଜଳୀ ବେହେରା,ଶିବ ହାତୀ ଓ ପରମେଶ୍ୱର ମେହେର ପ୍ରମୁଖ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ସଙ୍ଗଠନକୁ କିପରି ମଜଭୁତ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ପ୍ରତି ୨ମାସରେ ଥରେ ସଂଘର ସାଧାରଣ ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।



ଜୁନାଗଡ ବ୍ଲକ ସରପଞ୍ଚ ସଂଘର କର୍ମକର୍ତ୍ତା।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବାଉଁଶୁଣୀ,୩।୪(ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ସଭାଗୃହରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅଁଇଠୁ ମହାଲିକ ସଭାପତିତ୍ୱ କରିଥିଲେ। ୱାଇସିଡିଏର କୋଅର୍ଡିନେଟର ଲିଜିମୋଲ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନ, ବିକ୍ରମ ମହାକୁଳ, ଆଇସିଡିଏସ ପରିଦର୍ଶିକା ସୁନୀତା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କ ପାଇଁ ସମାଜରୁ ପାଉଥିବା ସଂସ୍କାର ନୀତି, ସରକାରୀ ଯୋଜନା ଓ ମୌଳିକ ଅଧିକାର,ଶିଶୁ ଶ୍ରମିକ,ଦାଦନ, ସ୍ୱାସ୍ଥ୍ୟଗତ ସୁବିଧା,ବାଲ୍ୟ ବିବାହ ରୋକିବା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

## ଆହାର କେନ୍ଦ୍ର ଖାଦ୍ୟର ମାନ ତଦାରଖ କଲେ ଏନ୍‌ଏସି ଅଧକ୍ଷ

ଜୁନାଗଡ,୨।୪(ଡି.ଏନ୍.ଏ.)

ଆହାର କେନ୍ଦ୍ର ମାଧ୍ୟମରେ ସରକାର ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କୁ ୫ ଟଙ୍କାରେ ରନ୍ଧା ଖାଦ୍ୟ ଯୋଗାଇ ଦେଉଛନ୍ତି। ଶୁକ୍ରବାର ଜୁନାଗଡର ନବନିର୍ବାଚିତ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ ଜୁନାଗଡ ସହରରେ ଖୋଲିଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଖାଦ୍ୟର ମାନ ତଦାରଖ କରିଥିଲେ। ଏହି ଅବସରରେ ଆହାର କେନ୍ଦ୍ର ପରିଚାଳନା କରୁଥିବା ସ୍ଥାନୀୟ ଗନ୍ତାୟତପଡାର ବୃନ୍ଦାବତୀ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ସେ ଉତ୍ସାହିତ କରିଥିଲେ। ପରେ ସେ ଆହାର କେନ୍ଦ୍ରରେ ଖାଉଥିବା ଲୋକଙ୍କ ସହ ମିଶି ଖାଇଥିଲେ। ଏହି ସମୟରେ କନିଷ୍ଠ ଯନ୍ତ୍ରୀ ନାରାୟଣ ମହାରଣା,ଏନ୍‌ଏସି କର୍ମଚାରୀ ନାରାୟଣ ସେନ୍, କନ୍ଦର୍ପ ଗୁରୁ, ମନୋଜ ବେହେରା, କବିତା ସାହୁ, ଜିତେନ୍ଦ୍ର ହେଣ୍ଡିଆ, ଭିକାରୀ ଚରଣ ଖୁଣ୍ଟିଆ, ସ୍ୱଂୟ ସହାୟକ ଗୋଷ୍ଠୀର ସଭାପତି କୁମୁଦିନୀ ପ୍ରଧାନ, ସମ୍ପାଦିକା କଳ୍ପନା ବରାଡଙ୍କ ସମେତ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।



ଏନଏସି ଅଧକ୍ଷ ମୁକେଶ ଅଗ୍ରୱାଲ ଅନ୍ୟମାନଙ୍କ ସହ ଆହାର କେନ୍ଦ୍ରରେ ଖାଉଛନ୍ତି।